ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA
ODIA WEEKLY
www.samparkabarta.in



ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ



Vol.5 | Issue- 17 | October 4 to 10, 2021, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୧୭ | ଅକ୍ଟୋବର ୪ ରୁ ୧୦, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା



"ସଂପର୍କବାର୍ତ୍ତା" ସର୍ଭେ
ରାଜ୍ୟରେ ନଂ-୧ ଜଗତସିଂହପୁର ଜିଲ୍ଲାପାଳ
ସଂଗ୍ରାମ କେଶରୀ ମହାପାତ୍ର

# ନୂଆ ବର୍ଷରେ ନୂଆ ମୁଖିଆ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନାଁ ଖୋଜା ହେଲାଣି, ପ୍ରଥମେ ପୋଲିସ୍ ମୁଖିଆ ଓ ପରେ ପରେ ମୁଖ୍ୟ ସଚିବ କିଏ ହେବ? ଗୋଟିଏ ପଟେ ବର୍ତ୍ତମାନର ଡିଜି ପୋଲିସ୍‌ଙ୍କ କାର୍ଯ୍ୟକାଳ ଶେଷ ଏବଂ ଅନ୍ୟପକ୍ଷରେ ମୁଖ୍ୟ ସଚିବଙ୍କ ଅବସର ବୟସ ପାଖେଇ ଆସୁଥିବାରୁ ରାଜ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଦୁଇ ପ୍ରଶାସନିକ ପଦବୀ କିଏ ଗ୍ରହଣ କରିବେ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅପରପକ୍ଷରେ ନିର୍ବାଚନ ଋତୁ ପାଖେଇ ଆସୁଥିବାରୁ ନୂଆ ମୁଖ୍ୟ ସଚିବଙ୍କ ନିଯୁକ୍ତି ପାଇଁ ବର୍ତ୍ତମାନର ମୁଖ୍ୟ ସଚିବଙ୍କ ଅବସର ଯାଏଁ ସରକାର ଅପେକ୍ଷା ନ କରି ପାରନ୍ତି ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ଡିଜି ପୋଲିସ୍ ଅଭୟ ହେଉଛନ୍ତି ଏବେକାର ଆଇପିଏସ୍‌ଙ୍କ ମଧ୍ୟରେ ସବୁଠାରୁ ବରିଷ୍ଠ। ସେ ନଭେମ୍ବର ମାସରେ ଡିଜିପି ପଦରେ ଅଧିଷ୍ଠିତ ହୋଇଥିଲେ। ହେଲେ ବୟସ ଅନୁସାରେ ଜୁନ୍ ୧୯୬୧ରେ ଜନ୍ମିତ ଶ୍ରୀ ଅଭୟଙ୍କ କାର୍ଯ୍ୟକାଳ ୨୦୨୧ ଜୁନ୍‌ରେ ଶେଷ ହେବା କଥା କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଏବଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଡିଜିପିଙ୍କ କାର୍ଯ୍ୟକାଳ ଅବଧିକୁ ସର୍ବନିମ୍ନ ୨ ବର୍ଷ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ତାଙ୍କର ଅବସର ସମୟକୁ ସଂପ୍ରସାରିତ କରିଛନ୍ତି ଏବଂ ନିୟମ ଅନୁସାରେ ଯଦି ଆଉ ସମୟ ସଂପ୍ରସାରିତ ନ ହୁଏ ତେବେ ନଭେମ୍ବର ମାସରେ ଡିଜିପି ଅବସର ନେବେ। ସେଥିଲାଗି ନୂଆ ଅଫିସରଙ୍କ ପ୍ୟାନେଲ୍ ପ୍ରସ୍ତୁତ କରି ୟୁପିଏସ୍‌ସିକୁ ଚୟନ ଲାଗି ପଠାଇବା ଆବଶ୍ୟକ ରହିଛି। ସେଥିଲାଗି ସରକାରୀ ମହଲରେ ତତ୍ପରତା ଆରମ୍ଭ ହୋଇଥିବା ଜାଣିବାକୁ ମିଳୁଛି।

ଏହି ଅନୁସାରେ ୧୯୮୮ ବ୍ୟାଚ୍‌ର ୫ ଅଫିସରଙ୍କ ନାଁକୁ ରାଜ୍ୟ ସରକାର ୟୁପିଏସ୍‌ସିକୁ ପଠାଇବେ। ଏହି ଅଧିକାରୀଙ୍କ ଭିତରୁ ଜଣକୁ ୟୁପିଏସ୍‌ସି ବାଛି ରାଜ୍ୟ ସରକାରଙ୍କୁ ନିଯୁକ୍ତି ଲାଗି ପଠାଇବେ। ୨୦୧୮ ମସିହାରେ ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ରାଜ୍ୟ ସରକାର ଏହି ପ୍ରଥାକୁ ଆପଣେଇଛନ୍ତି। ପୋଲିସ୍ ମୁଖିଆଙ୍କ ଉପରେ ରାଜନୈତିକ ଚାପ କମାଇବା ଏବଂ ବରିଷ୍ଠତାକୁ ଧ୍ୟାନ ଦେବା ଲାଗି ଏ ବ୍ୟବସ୍ଥାକୁ (ପୃଷ୍ଠା-୨)

# ପାଣ୍ଡିଆନ୍‌ଙ୍କ ନାଁରେ ମନ୍ତବ୍ୟ ଅଭଦ୍ରଗୁଡାକ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ୱେବ୍ ପୋର୍ଟାଲ୍ ଖୋଲି ସାମ୍ବାଦିକ ବୋଲି କହିବୁଲୁଥିବା ଅସାମାଜିକଙ୍କ କାରନାମା ବଢିବାରେ ଲାଗିଛି। ପୁଣି ଏକ ୱେବ୍ ପୋର୍ଟାଲ୍ ବିରୁଦ୍ଧରେ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରିଛି। ଆଉ ଏକ ୱେବ୍ ପୋର୍ଟାଲ୍‌ରେ ପାଣ୍ଡିଆନ୍‌ଙ୍କ ନାଁରେ ଆପତ୍ତିଜନକ ମନ୍ତବ୍ୟ ଲେଖାଯାଇଛି। ପୋଲିସ୍ ଘଟଣାର ଛାନ୍‌ଭିନ୍ କରି ଜାଣିବାକୁ ପାଇଛି ଯେ ୱେବ୍ ପୋର୍ଟାଲ୍‌ର ........... ନାମକ ଏକ ଫେସ୍‌ବୁକ୍ ପେଜ୍ ରହିଛି। ଯାହାର ସଂପୂର୍ଣ୍ଣ ଠିକଣା ତେଲେଙ୍ଗାନାର ବୋଲି ତଦନ୍ତରୁ ଜଣାପଡିଛି। ଉକ୍ତ ପେଜ୍‌କୁ କ୍ରାଇମ୍‌ବ୍ରାଞ୍ଚ ବନ୍ଦ କରି ଘଟଣାର ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ମୁତାବକ ଏହି ୱେବ୍ ପୋର୍ଟାଲ୍ ତା'ର ଫେସ୍‌ବୁକ୍ ପେଜ୍‌ରେ ଏକ ଲିଙ୍କ୍ ଅପଲୋଡ କରିଥିଲା। ସେଥିରେ ଉଲ୍ଲେଖ ଥିଲା ଏସ୍‌ସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁର ବଡ ଖୁଲାସା। ସେତିକି ନୁହେଁ ପାଣ୍ଡିଆନ୍‌ଙ୍କ ଫଟୋ ମଧ୍ୟ ପୋଷ୍ଟ କରାଯାଇଛି। ଏ ବିଷୟରେ ଜଣାପଡିବା ପରେ କ୍ରାଇମ୍‌ବ୍ରାଞ୍ଚ ଗତ ୧୭ ତାରିଖ ଦିନ ନିଜ ଆଡୁ ମାମଲା ରୁଜୁ କରିଛି। ତଦନ୍ତ ଚାଲିଥିବା ସମୟରେ ଖବର ପ୍ରଚାର କରିବା ପଛରେ ମନ୍ଦ ଉଦ୍ଦେଶ୍ୟ ଏବଂ ଅଭଦ୍ର ଲୋକଙ୍କ ହାତ ରହିଛି ବୋଲି କେତେକ ବରିଷ୍ଠ ଅଧିକାରୀ ଏପରି କହୁଛନ୍ତି। ଉକ୍ତ ୱେବ୍ ପୋର୍ଟାଲ୍‌ର ମେଲ୍ ଆଇଡି ଓ ଫୋନ୍ ନମ୍ବର ମିଳିଛି। ଏହା ରାଜ୍ୟ ବାହାରର ବୋଲି ଜଣାପଡିଛି। କ୍ରାଇମ୍‌ବ୍ରାଞ୍ଚ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି ବୋଲି ଖବର ପ୍ରକାଶ ପାଇଥିବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇ କ୍ରାଇମ୍‌ବ୍ରାଞ୍ଚକୁ ଧନ୍ୟବାଦ ଦିଆଯାଉଛି।

# ଓଡ଼ିଆ ସଚିବ ଚର୍ଚ୍ଚାରେ

ଅପରପକ୍ଷରେ ମୁଖ୍ୟସଚିବ କିଏ ହେବ ତାହା ରାଜ୍ୟ ସରକାରଙ୍କ ସଂପୂର୍ଣ୍ଣ ଇଚ୍ଛାଧିନ ବ୍ୟାପାର। ଏଣୁ ସରକାର ବରିଷ୍ଠତା ଭିତ୍ତିରେ ବା ନିଜ ପସନ୍ଦ ଅନୁସାରେ ନିଯୁକ୍ତି କରିପାରନ୍ତି। ବରିଷ୍ଠତାକୁ ହିସାବକୁ ନେଲେ ବର୍ତ୍ତମାନର ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ପରେ ବେଣୁଗୋପାଳ ଶର୍ମା, ସୁଦର୍ଶନ ପାଲ୍ ଠାକୁର, ତୁହିମ୍ କାନ୍ତ ପାଣ୍ଡେ। ନିକୁଞ୍ଜ ସୁନ୍ଦରାୟ ପ୍ରଭୃତି ରହିଛନ୍ତି। ହେଲେ ଆଗକୁ ନିର୍ବାଚନ ଥିବାରୁ ଅଣଓଡ଼ିଆ ଅଧିକାରୀଙ୍କୁ ମୁଖ୍ୟ ସଚିବ ଭାବେ ନିଯୁକ୍ତି କରିନପାରନ୍ତି। ଗଲା କିଛି ବର୍ଷର ରେକର୍ଡ ଯାହା କହୁଛି ସରକାର ବରିଷ୍ଠ ଓଡ଼ିଆ ଆଇଏଏସ୍ ଅଧିକାରୀଙ୍କୁ ହିଁ ମୁଖ୍ୟସଚିବ ଦାୟିତ୍ୱ ଦେଇଆସୁଛନ୍ତି। ଏହା ହେଲେ ବରିଷ୍ଠତାରେ ସାମିଲ୍ ହେବେ ଏବଂ ଆଇଏଏସ୍ ମଧ୍ୟରେ ଥିବା ଅସନ୍ତୋଷ ପୁଣି ସକ୍ରୀୟ ହୋଇପାରେ! ନିଜ ଦ୍ୱାରା ସ୍ଥାପିତ ପରମ୍ପରା ଅନୁସାରେ ଯଦି ଏଥର ବି ରାଜ୍ୟ ସରକାର ଜଣେ ଓଡ଼ିଆ ଅଧିକାରୀଙ୍କୁ ଏହି ପଦବୀରେ ନିଯୁକ୍ତି ଦିଅନ୍ତି ତେବେ ନାଁ ଆସୁଛି ନିକୁଞ୍ଜ ସୁନ୍ଦରାୟ, ପ୍ରଦୀପ କୁମାର ମହାପାତ୍ର ଓ ପ୍ରଦୀପ କୁମାର ଜେନାଙ୍କ ନାଁ। ୧୯୮୮ ବ୍ୟାଚ୍ ଆଇଏଏସ୍ ତଥା ଏବେକାର **ଏସ୍‌ଆର୍‌ସି ପ୍ରଦୀପ କୁମାର ଜେନାଙ୍କ** ନାଁ ବି ଚର୍ଚ୍ଚା ହେଉଛି। କିନ୍ତୁ ତାଲିକାରେ ସେ ହେଉଛନ୍ତି ୩ୟ ଓଡ଼ିଆ ଅଧିକାରୀ। ଏହି କ୍ରମରେ ତାଙ୍କ ନାଁକୁ ଏଥର ମଞ୍ଜୁର କରିବା ସରକାରଙ୍କ ଇଚ୍ଛାଧିନ ବ୍ୟାପାର ହେବ, ନ ହେଲେ ସରକାର ଦୀର୍ଘଦିନ ପରେ ଜଣେ ଅଣଓଡ଼ିଆ ଅଧିକାରୀଙ୍କୁ ମୁଖ୍ୟସଚିବ ଭାବେ ନିଯୁକ୍ତ କରିପାରନ୍ତି।

# ପିପିଲିକୁ ମାନସଙ୍କ ଧନ୍ୟବାଦ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରୁଦ୍ର ମହାରଥୀଙ୍କୁ ଚୟନ କରିଥିବାରୁ ପିପିଲିବାସୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି ଓଡ଼ିଶା ସରକାରଙ୍କର ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ। ବିଜେପୁର, ତିର୍ତ୍ତୋଲ୍, ବାଲେଶ୍ୱର, ଏବଂ



ପିପିଲି ପରି ପ୍ରତ୍ୟେକ ଉପ-ନିର୍ବାଚନରେ ଓଡ଼ିଶାର ଲୋକମାନେ କ୍ରମାଗତ ଭାବେ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସମର୍ଥନ କରିଛନ୍ତି। ଏହା ଶ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଓଡ଼ିଶାବାସୀଙ୍କ ସ୍ନେହ, ପ୍ରେମ ଏବଂ ଆଶିର୍ବାଦକୁ ଦର୍ଶାଉଛି ବୋଲି ପ୍ରକାଶ କରିଛନ୍ତି ମାନସ।

# ଜଗତସିଂହପୁର ଜିଲ୍ଲାପାଳଙ୍କ ଦକ୍ଷତା ଓ ସାହାସିକତାକୁ ପ୍ରଶଂସା

- କେନ୍ଦ୍ରାପଡାରେ ଗିରଫ ହେବେ ତହସିଲ୍‌ଦାର ଓ ଆର୍‌ଆଇ !
- ପରିବେଶ ସୁରକ୍ଷା କର୍ମୀ ଦିଲ୍ଲୀପ ସାମନ୍ତରାୟଙ୍କୁ ଧନ୍ୟବାଦ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ଜିଲ୍ଲାରେ ବସୁନ୍ଧରା ଯୋଜନାରେ ସରକାରୀ ଓ ଜଙ୍ଗଲ ଜମି ହଡପ ଘଟଣାରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନେଇଥିବା ପଦକ୍ଷେପକୁ ସମଗ୍ର ରାଜ୍ୟରେ ପ୍ରଶଂସା କରୁଛନ୍ତି। ଏବେ କେନ୍ଦ୍ରାପଡା ଜିଲ୍ଲାରେ ଏହି ଘଟଣାକୁ ନେଇ ଭୂକମ୍ପ ସୃଷ୍ଟି ହେବାକୁ ଯାଉଥିବାକୁ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗର ପୂର୍ବତନ ତହସିଲ୍‌ଦାର ରମେଶ ପଣ୍ଡା ଏବଂ ୪ ଆର୍‌ଆଇ ଜେଲ୍ ଯିବା ଘଟଣାକୁ ନେଇ ଜଗତସିଂହପୁର ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଭୟ କମିନଥିବା ବେଳେ ଏବେ କେନ୍ଦ୍ରପଡା (ପୃଷ୍ଠା-୨)

# ୨୦୨୪ରେ ହିଁ ବିଜେଡି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପିପିଲିରେ ବାଜିମାତ୍ ମାରିନେଇଛି ଶାସକ ବିଜେଡି। ବିଜେଡିର ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ମହାରଥୀ ବହୁ ଭୋଟ ବ୍ୟବଧାନରେ ବିଜୟ ଘୋଷିତ ହୋଇଥିବାକୁ ନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ୨୧ ବର୍ଷ ଧରି ବିଜେଡି ଦଳ ସରକାରରେ ଦବ୍‌ଦବା ଜାରି ରଖିଆସୁଥିବା ବେଳେ ବର୍ତ୍ତମାନ ପିପିଲି ନିର୍ବାଚନ ରାଜ୍ୟ ବାସୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠତା ହାସଲ କରି ପୁନର୍ବାର ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ସହ ସରକାର ଗଠନ କରିବା ନିଶ୍ଚିତ ବୋଲି ଏବେଠାରୁ ରାଜନୈତିକ



ବିଶେଷଜ୍ଞମାନେ ଆକଳନ କଲେଣି। ପଛକୁ ବିଜେପି ଦଳ ୨ୟ ସ୍ଥାନରେ ରହିଲେ ମଧ୍ୟ ବିରୋଧ ଦଳ ଭୂମିକାରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡିବ ବୋଲି କୁହାଯାଇ ଜାତୀୟ କଂଗ୍ରେସ ଦଳର ରାଜ୍ୟସ୍ତରୀୟ ନେତାଙ୍କୁ ଗାଳିଗୁଲଜ୍ କରାଯାଇ ***ବେହିଆ ନେତା*** ବୋଲି ଅଭିଯୋଗ କରାଯାଉଛି। ୨/୩ ଜଣ ବରିଷ୍ଠ କଂଗ୍ରେସ ନେତା ରାଜ୍ୟରେ ଉଡୁଆର୍ମି କରିଆସୁଥିବାରୁ କଂଗ୍ରେସ ଚର୍ଚ୍ଚାରେ ରହୁଛି ବୋଲି କୁହାଯାଉଛି।



# ଦେଶରେ ପୋଲିସ୍ ଓ ପ୍ରଶାସନିକ ଅଧିକାରୀଙ୍କ ଆଚରଣକୁ ନେଇ କ୍ଷୋଭ ପ୍ରକାଶ କଲେ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶରେ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ୍ କର୍ମଚାରୀଙ୍କ ଆପତ୍ତିଜନକ ଆଚରଣ ଏବଂ ମନଭାବକୁ ନେଇ ଆପତ୍ତି ଉଠାଇଛନ୍ତି ପ୍ରଧାନ ବିଚାରପତି ଏମ୍.ଭି.ରମନା। ସେ କହିଛନ୍ତି ଯେ ଦେଶରେ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ୍ କର୍ମଚାରୀଙ୍କ ଆପତ୍ତିଜନକ ଆଚରଣ ଏବଂ ମନୋଭାବକୁ ନେଇ ହୋଇଥିବା ଅଭିଯୋଗର ଯାଞ୍ଚ ପାଇଁ ସେ ଏକ ସ୍ଥାୟୀ କମିଟି ଗଠନ କରିବାକୁ ଯୋଜନା କରିଥିଲେ। କିନ୍ତୁ ସେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି। ଛତିଶଗଡର ଏଡିଜି ଗୁରୁଜିନ୍ଦର ପାଲସିଂହ ତାଙ୍କ ବିରୁଦ୍ଧରେ ଦାଖଲ ହୋଇଥିବା ବିଭିନ୍ନ ଅପରାଧିକ ମାମଲାରେ ଗିରଫ ଦାରିରୁ ସୁରକ୍ଷା ପାଇଁ କରାଯାଇଥିବା ଆବେଦନର ଶୁଣାଣି ବେଳେ ପ୍ରଧାନ ବିଚାରପତି ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଦେଶର ପ୍ରଶାସନିକ ଅଧିକାରୀ, ବିଶେଷ କରି ପୋଲିସ୍ ଅଧିକାରୀମାନେ ଯେପରି ଆଚରଣ କରୁଛନ୍ତି ସେ ଦିଗରେ ମୋର ଅନେକ ଆପତ୍ତି ରହିଛି। ମୁଁ ପୂର୍ବରୁ ହାଇକୋର୍ଟର ପ୍ରଧାନବିଚାରପତିଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀ, ବିଶେଷ କରି ପୋଲିସ୍ ଅଧିକାରୀଙ୍କ ବିରୁଦ୍ଧରେ ଆସୁଥିବା ନିର୍ଯାତନା ଏବଂ ଅନ୍ୟ ଅଭିଯୋଗର ଅନୁସନ୍ଧାନ ପାଇଁ ଏକ ଷ୍ଟାଣ୍ଡିଂ କମିଟି ଗଠନ କରିବାକୁ ଚିନ୍ତା କରୁଥିଲେ। ହେଲେ ଏବେ ମୁଁ ଏହି ଯୋଜନାକୁ ଏବେ କାର୍ଯ୍ୟକାରୀ କରିବାକୁ ଚାହୁଁନାହିଁ।

# ସବୁ ପରିସ୍ଥିତିର ସାମ୍ନା ପାଇଁ ପ୍ରସ୍ତୁତ ଭାରତୀୟ ସେନା: ଆର୍ମି ମୁଖ୍ୟ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପୂର୍ବ ଲଦାଖର ଅଗ୍ରଗାମୀ ଅଞ୍ଚଳଗୁଡିକର ସୁରକ୍ଷା ସମୀକ୍ଷା କରୁଥିବା ସେନା ମୁଖ୍ୟ ଜେନେରାଲ ଏନ୍. ନାରଭାନେ ଶନିବାର କହିଛନ୍ତି ଯେ, ଚିନ୍ ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍‌ର ଅପର ପାର୍ଶ୍ୱରେ ଭିତ୍ତିଭୂମି ନିର୍ମାଣ କରିଛି। କିନ୍ତୁ ଭାରତୀୟ ସୈନବାହିନୀ ଯେ କୌଣସି ପ୍ରତିକୂଳ ପରିସ୍ଥିତି ପାଇଁ ପ୍ରସ୍ତୁତ ପାଇଁ ସେ ନିଶ୍ଚିତ କରିଛନ୍ତି। ଅଧିକ ସୈନ୍ୟ ନିୟୋଜିତ କରିବା ପାଇଁ ଚିନ୍ ଏହାର ପାର୍ଶ୍ୱରେ ଅନେକ ଭିତ୍ତିଭୂମି ନିର୍ମାଣ କରିଛି। ଆମେ ଏହାର ତଦାରଖ କରୁଛୁ। ଆମେ ଏଥି ପାଇଁ ଉନ୍ନତ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିଛୁ। ଆମେ ଶକ୍ତିଶାଳୀ, ଆମେ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ବୋଲି ଆର୍ମି ଷ୍ଟାଫ୍ ଜେନେରାଲ୍ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ଜେନ ନାରାଭାନେ ଦୁଇଦିନିଆ ପୂର୍ବ ଲଦାଖ ଗସ୍ତରେ ଯାଇ ପାର୍ବତ୍ୟ ଅଞ୍ଚଳରେ ଚିନ୍ ସହିତ ଦୀର୍ଘ ଦିନ ଧରି ଚାଲିଆସୁଥିବା ସାମରିକ ବିବାଦର ପୃଷ୍ଠଭୂମିରେ ଭାରତର କାର୍ଯ୍ୟକ୍ଷମ ପ୍ରସ୍ତୁତ ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି।

# ମୋଦିଙ୍କୁ ଟକ୍କର ଦେବାକୁ କଂ. ନେତା ନାହାଁନ୍ତି !



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସର ଜାରି ଆଭ୍ୟନ୍ତରିଣ କନ୍ଦଳ ମଧ୍ୟରେ ପାର୍ଟିରେ ପୁଣି ଥରେ ନେତୃତ୍ୱ ପରିବର୍ତ୍ତନ ଦାବି ଜୋର୍ ଧରିଛି। ଅନେକ ବରିଷ୍ଠ ନେତା ମଧ୍ୟ ଶୀଘ୍ର କଂଗ୍ରେସ କାର୍ଯ୍ୟକାରୀ ବୈଠକ(CWC) ଡକାଇବାକୁ ଦାବି କରୁଛନ୍ତି। ଏହି କ୍ରମରେ କଂଗ୍ରେସର ମହତ୍ତ୍ୱପୂର୍ଣ୍ଣ ପଦରେ ରହିଥିବା ପୂର୍ବତନ କଂଗ୍ରେସ ନେତା ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ନଟବର ସିଂ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି କଂଗ୍ରେସରେ ରାହୁଲ ଗାନ୍ଧୀଙ୍କ ସମେତ କୌଣସି ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟକ୍କର ଦେଇପାରିବେ ନାହିଁ। କ'ଣ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟକ୍କର ଦେଇପାରିବ? ଏହାର ଜବାବରେ ସିଂ କହିଛନ୍ତି କ'ଣ ଆପଣଙ୍କୁ ଏମିତି ଲାଗୁଛି? କ'ଣ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ସାମ୍ନାରେ ଛିଡା ହୋଇପାରିବେ? ଯଦି ଆପଣ ଦୁହିଁଙ୍କ ମଧ୍ୟରେ ଫରକ ଜାଣିବାକୁ ଚାହୁଁଛନ୍ତି ତେବେ ଉଭୟଙ୍କ ମଧ୍ୟରେ ବିତର୍କ କରାଇନିଅନ୍ତୁ। ପ୍ରଧାନମନ୍ତ୍ରୀ ମୋଦି ଜଣେ ଚକମ୍ପାର ବକ୍ତା। ସେ ଜଣେ ନିର୍ଭିକ ଲୋକ। ଆପଣ ରାହୁଲ ଗାନ୍ଧୀଙ୍କ ସାକ୍ଷାତକାରରେ ଟିଭିରେ ଦେଖିଥିବେ। ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ସାମ୍ନାରେ କୌଣସି ବି କ୍ଷେତ୍ରରେ ସମକକ୍ଷ ହୋଇପାରିବେ ନାହିଁ। ମୋଟାମାଟି ଭାବେ କହିବାକୁ ଗଲେ ବର୍ତ୍ତମାନ କଂଗ୍ରେସ ପାଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁକାବିଲା କରିବାକୁ ସେପରି କୌଣସି ନେତା ନାହାଁନ୍ତି। କଂଗ୍ରେସ ଆଜିର ଦୟନୀୟ ସ୍ଥିତି ପାଇଁ ନଟବର ସିଂ ଗାନ୍ଧୀ ପରିବାରକୁ ହିଁ ଦାୟୀ କରିଛନ୍ତି। ଆଗାମୀ ବର୍ଷ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଉପରେ ସେ କହିଛନ୍ତି ଯେ ମୋତେ ଲାଗୁନାହିଁ କଂଗ୍ରେସ କୌଣସି ରାଜ୍ୟରେ ବିଜେପିକୁ ଟକ୍କର ଦେବ। କଂଗ୍ରେସକୁ ଲାଗୁଛି ଯେ ରାହୁଲ ଗାନ୍ଧୀ କଂଗ୍ରେସର ସବୁକିଛି। ରାହୁଲ ଗାନ୍ଧୀ କୌଣସି ପଦପଦବିରେ ନ ଥାଇ ବି ପାର୍ଟିର ସବୁ ନିଷ୍ପତ୍ତି ନେଉଥିବା ନଟବର ସିଂ କହୁଛନ୍ତି।

# ମୁଁ ବିଜେପିକୁ ଖଣ୍ଡ ଖଣ୍ଡ କରି ଦେବି-କହ୍ନେୟା



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା)-** କଂଗ୍ରେସ ନେତୃତ୍ୱକୁ ସମାଲୋଚନା କରିବାର ଅର୍ଥ ଭାଜପାକୁ ସାହାଯ୍ୟ କରିବା। ଦେଶର ସବୁଠୁ ବଡ ବିରୋଧୀ ଦଳ ହେଉଛି କଂଗ୍ରେସ। କଂଗ୍ରେସ ଯେତେ ମଜଭୁତ ହେବ ଭାଜପା ସେତିକି ବଡ ପରାୟଜ ସମ୍ମୁଖୀନ ହେବାକୁ ପଡିବ। ଏଭଳି କଡା ଭାଷାରେ ଭାଜପାକୁ ସମାଲୋଚନା କରିଛନ୍ତି କଂଗ୍ରେସରେ ଯୋଗ ଦେଇଥିବା ପୂର୍ବତନ ଛାତ୍ର ନେତା କହ୍ନେୟା କୁମାର। କଂଗ୍ରେସ ଛଡା ସମସ୍ତ ବିରୋଧୀ ଦଳ ହେଉଛନ୍ତି ଆଞ୍ଚଳିକ ଦଳ। କେବଳ କଂଗ୍ରେସ ହେଉଛି ଏକମାତ୍ର ବିରୋଧୀ ଦଳ। ଯାହାର ଉପସ୍ଥିତି ଜାତୀୟ ସ୍ତରରେ ଅଛି। ଭାଜପାକୁ ହରାଇବାର ଦକ୍ଷତା କଂଗ୍ରେସ ପାଖରେ ସର୍ବଦା ଅଛି। ଯଦି ମୋତେ କେବେ ଲାଗି ମୁଁ ଭାଜପାକୁ ହରାଇପାରିବି ନାହିଁ, ତେବେ ମୁଂ ଦଳ ଛାଡିଦେବି। ଭାଜପା ମୋତେ ଟୁକ୍‌ଡେ-ଟୁକ୍‌ଡେ(ଖଣ୍ଡ ଖଣ୍ଡ) ଗ୍ରୁପ୍ କହୁଛି। ମୁଁ ଭାଜପାକୁ ଖଣ୍ଡ ଖଣ୍ଡ କରିଦେବି। ଏହି ଦଳ ଜାତିର ପିତା ମହତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡସେଙ୍କୁ ତାଙ୍କ ଆଦର୍ଶ ବୋଲି ଗଣନା କରେ। ସେମାନେ କେବଳ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆଗରେ ଗାନ୍ଧିଜୀଙ୍କ ପ୍ରଶଂସା କରନ୍ତି ବୋଲି କହ୍ନେୟା କହିଛନ୍ତି।

# ଶିଶୁମାନଙ୍କର ଜୀବନ ଶୈଳୀକୁ ଗୁରୁତ୍ୱାରୋପ:ବାଚସ୍ପତି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆମ ରାଜ୍ୟର ଶିଶୁମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଉନ୍ନତ ଜୀବନଯାପନ ପ୍ରଣାଳୀ ପାଇଁ ଏକ ଉପଯୁକ୍ତ ଜୀବନଶୈଳୀ ସୃଷ୍ଟି କରିବା ଉପରେ ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟନ ପାତ୍ର ଗୁରୁତ୍ୱାରୋପ କରିଛନ୍ତି। ଗତ ୨୮ ତାରିଖ ଦିନ ଏ ସଂକ୍ରାନ୍ତରେ ୟୁନିସେଫ୍ ଓଡ଼ିଶା ଶାଖାର ପ୍ରତିନିଧି ମଣ୍ଡଳୀ ବାଚସ୍ପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ୟୁନିସେଫ୍ ତରଫରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶିଶୁ ଉପଯୋଗୀ ବାତାବରଣ ସୃଷ୍ଟି କରିବା ପାଇଁ ସେମାନେ ମଧ୍ୟ ବାଚସ୍ପତିଙ୍କୁ ନିବେଦନ କରିଥିଲେ। ଏ ସଂପର୍କରେ ମହିଳା ଓ ଶିଶୁ ବିକାଶ ଗୃହ କମିଟି ସହ ଆବଶ୍ୟକ ଆଲୋଚନା କରିବା ପାଇଁ ବାଚସ୍ପତି ଡ଼ଃ. ପାତ୍ର ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ବାଚସ୍ପତି ଡ଼ଃ. ପାତ୍ର ମଧ୍ୟ ଗୃହ କମିଟି ଅଧ୍ୟକ୍ଷା ଉଷା ଦେବୀଙ୍କ ସହ ଆଲୋଚନା କରି ଆଗାମୀ ଦଶହରା ଛୁଟି ପରେ ଏ ସଂକ୍ରାନ୍ତରେ ବୈଠକ ଆହୂତ କରିବା ପାଇଁ ଅନୁରୋଧ କରିଥିଲେ। ଓଡ଼ିଶା ସରକାର ମହିଳା ଓ ଶିଶୁ ବିକାଶକୁ ଅଗ୍ରାଧିକାର ଦେଉଥିବା ଦୃଷ୍ଟିରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଙ୍ଗନବାଡ଼ି କର୍ମକର୍ତ୍ତାଙ୍କ ସହ ସୁସମନ୍ୱୟ ରକ୍ଷା କରି ୟୁନିସେଫ୍ କାର୍ଯ୍ୟ କରିବା ପାଇଁ ମଧ୍ୟ ବାଚସ୍ପତି ଡ଼ଃ ପାତ୍ର ପରାମର୍ଶ ଦେଇଥିଲେ। ୧୫ତମ ଅର୍ଥ କମିଶନ ଏବଂ କେନ୍ଦ୍ର ସରକାରଙ୍କ ପଞ୍ଚାୟତରାଜ ବିଭାଗ ତରଫରୁ ଏ ସଂକ୍ରାନ୍ତରେ ମାର୍ଗଦର୍ଶିକା ଜାରି କରାଯାଇଥିବା ୟୁନିସେଫ୍ ପ୍ରତିନିଧିମାନେ ବାଚସ୍ପତିଙ୍କୁ ଅବଗତ କରାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ନୂଆ...

କୋର୍ଟ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ରାଜ୍ୟ ସରକାରମାନେ ୟୁପିଏସ୍‌ସିଙ୍କ ଅଜଣାତରେ ଯେଉଁଭଳି ଭାବେ ଡିଜିପି ନିଯୁକ୍ତ କରୁଥିଲେ ତାହାକୁ ଅବ୍ୟାହତି ଦିଆଯାଇଛି। ବରିଷ୍ଠତା ଭିତ୍ତିରେ ଯେଉଁ ୫ ଅଧିକାରୀ ଏ ପଦବୀ ଲାଗି ଦାବିଦାର ହେବେ ସେମାନେ ହେଉଛନ୍ତି କୁଆଡେ ସ୍ୱତନ୍ତ୍ର ଡିଜି ମନୋଜ ଛାବ୍ରା, ଜେଲ୍ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ, ମାନବାଧିକାରୀ କମିଶନ ନିର୍ଦ୍ଦେଶକ ତଥା ଅତିରିକ୍ତ ଡିଜି ବିନୟ ଝା, କେନ୍ଦ୍ରୀୟ ଡେପୁଟେସନ୍‌ରେ ଥିବା ଅରୁଣ କୁମାର ରାୟ ଏବଂ ରେଳବାଇ ଅତିରିକ୍ତ ଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ। ଅନ୍ୟ ଦାବିଦାର ଭିତରେ ସନ୍ତୋଷ କୁମାର ଉପାଧ୍ୟାୟ ଏବେ ଡିଜିପି ପାହ୍ୟାର ଅଧିକାରୀ। ତାଙ୍କୁ ଜେଲ୍ ଡିଜିଭାବେ ସରକାର ନୁଯୁକ୍ତି କରିଛନ୍ତି। ସେ ମଧ୍ୟ ଜଣେ ଓଡ଼ିଆ ଅଧିକାରୀ ତେଣୁ ପରବର୍ତ୍ତୀ ନାଁରେ ଆସିପାରନ୍ତି।

### ଜଗତସିଂହପୁର...

ଅନୁରୂପ ଜମି କେଳେଙ୍କାରୀକୁ ନେଇ ଝଡ ସୃଷ୍ଟି ହେବାକୁ ଯାଉଛି। ଏହି କେଳଙ୍କାରୀ ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ମହାକାଳପଡାର ତତ୍କାଳୀନ ତହସିଲ୍‌ଦାର ବିଷ୍ଣୁ ଚରଣ ରାଉତ, ଆର୍‌ଆଇ ଶିବ ସ୍ୱାଇଁ, ରାମନଗର ଅଞ୍ଚଳର ଅଜୟ ଦେବନାଥ, ସୁନିତା ଦେବନାଥ, ଗଣେଶ ବାଛାଡ, କାବୁଲି ବାଛାଡ, ଅମୀନ ଦେବନାଥ ଓ ମିଲନ ଦେବନାଥଙ୍କ ନାଁରେ ମାମଲା ରୁଜୁ ହୋଇଛି। ପରିବେଶ ସୁରକ୍ଷା କର୍ମୀ ଦିଲ୍ଲୀପ ସ୍ୱାନ୍ତନାଙ୍କ ଏତଲା ପରେ ସାମୁଦ୍ରିକ ଥାନାରେ ଦୁଇ ସରକାରୀ ଅଧିକାରୀଙ୍କ ସମେତ ଉପରୋକ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାଁରେ କେସ୍ ୧୩୧/୨୧, ଭାରତୀୟ ଦଣ୍ଡବିଧି ଆଇନ୍‌ର ୪୨୦, ୪୬୭, ୪୬୮, ୪୭୧, ୧୨୦(ବି) ୩୪ରେ ମାମଲା ରୁଜୁ ହୋଇଛି। ସରକାରୀ ନୀତି ନିୟମକୁ ଜଳାଞ୍ଜଳୀ ଦେଇଥିବା ସରକାରୀ ଅଧିକାରୀ ଓ ଅସାଧୁ ଉପାୟରେ ଜଙ୍ଗଲ ଜମି ହାତେଇଥିବା ବ୍ୟକ୍ତି ବିଶେଷଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଛି।

ସୂଚନା ଯେ ୨୦୧୦-୧୧ ମସିହାରେ ରାମନଗର ଅଞ୍ଚଳର ଉପରୋକ୍ତ ଅଭିଯୁକ୍ତମାନେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଭୂମିହୀନ ଦର୍ଶାଇ ସରକାରୀ ଜମି ଦେଇଥିଲେ। ତତ୍କାଳିନ ତହସିଲ୍‌ଦାର ବିଷ୍ଣୁଚରଣ ରାଉତ ଓ ଆର୍‌ଆଇ ଶିବ ସ୍ୱାଇଁ ସବୁ ସରକାରୀ ନୀତି ନିୟମକୁ ଜଳାଞ୍ଜଳି ଦେଇ ଜଙ୍ଗଲ ଓ ନଦୀ କିସମ ଥିବା ଜମିକୁ ପଟ୍ଟା କରିଦେଇଥିବା ନୟାଗଡ ଅଞ୍ଚଳର ପରିବେଶ ସୁରକ୍ଷା କର୍ମୀ ଦିଲ୍ଲୀପ କୁମାର ସାମନ୍ତରାୟ ଅଭିଯୋଗ କରିଥିଲେ। ଶ୍ରୀ ସାମନ୍ତରାୟ ପ୍ରଥମେ ଗତ ଜାନୁଆରୀରେ ଜମ୍ବୁ ସାମୁଦ୍ରିକ ଥାନାରେ ଏହି ଅଭିଯୋଗ କରିଥିଲେ। ହେଲେ ପୋଲିସ୍ ଅଭିଯୋଗ ଗ୍ରହଣ ନ କରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ମାମଲାର ବିଚାର କରି କେନ୍ଦ୍ରାପଡା ଏସ୍‌ପିଙ୍କୁ ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କ ନାଁରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜମ୍ବୁ ସାମୁଦ୍ରିକ ଥାନା ପୋଲିସ୍ ତତ୍କାଳୀନ ତହସିଲ୍‌ଦାର ଓ ଆର୍‌ଆଇଙ୍କ ସମେତ ୮ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଖାଲି ବାକି ରହିବା ଅଭିଯୁକ୍ତମାନେ କେବେ ଗିରଫ ହୋଇ ଜେଲ୍ ଯିବାକୁ ଦେଖିବାକୁ ଅଛି ବୋଲି କେନ୍ଦ୍ରାପଡା ଜିଲ୍ଲାବାସୀ ଅପେକ୍ଷାରେ ଥିବା କହୁଛନ୍ତି। ଅନ୍ୟପକ୍ଷରେ, ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସରକାରୀ ଓ ଜଙ୍ଗଲଜମିକୁ ହଡପ ଅଭିଯୋଗ କ୍ରାଇମ୍‌ବ୍ରାଞ୍ଚ ନିକଟରେ କରିଥିବା ବେଳେ କେନ୍ଦ୍ରାପଡା ଘଟଣାରେ ପରିବେଶ ସୁରକ୍ଷା କର୍ମୀ ଦିଲ୍ଲୀପ ସାମନ୍ତରାୟ କୋର୍ଟର ଆଶ୍ରୟ ନେଇଥିଲେ। ହେଲେ ସେଠାକାର ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପ୍ରଶାସନ ମଧ୍ୟରେ ଫରକ କ'ଣ ଏଇଥିରୁ ପ୍ରମାଣିତ ବୋଲି ଆଲୋଚନା ହେଉଛି। ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ଦକ୍ଷତା ଓ ସାହାସୀକତାକୁ ସମଗ୍ର ରାଜ୍ୟରେ ପ୍ରଶଂସା କରାଯାଉଛି।

# ଖାଉଟି ସୁରକ୍ଷାକୁ ପ୍ରାଥମିକତା-ମନ୍ତ୍ରୀ ରଣେନ୍ଦ୍ର




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସରକାର ଖାଉଟିମାନଙ୍କ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରୁଥିବାବେଳେ ନୂତନ ଖାଉଟି ସୁରକ୍ଷା ଆଇନ-୨୦୧୯ରେ ଥିବା ମଧ୍ୟସ୍ଥତା କେନ୍ଦ୍ର ଖାଉଟି ବିବାଦର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ ଓ ଏହା ଏକ ସମୟୋଚିତ ପଦକ୍ଷେପ। ଏହି ଅଭିନବ ବ୍ୟବସ୍ଥା ଦ୍ୱାରା ଖାଉଟି ବିବାଦର ଆଶୁ ସମାଧାନ ହୋଇପାରିବ। ଉଭୟ ପକ୍ଷର ସହମତି ଭିତ୍ତିରେ ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ସ୍ୱଳ୍ପ ଖର୍ଚ୍ଚରେ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଖାଉଟି ବିବାଦର ସମାଧାନ ହୋଇପାରିବ। ରାଜ୍ୟର ଦରିଦ୍ରରୁ ଦରିଦ୍ରତମ ଖାଉଟି ଯେପରି ଖାଉଟି ସୁରକ୍ଷା ଆଇନ ଦ୍ୱାରା ଉପକୃତ ହୋଇପାରିବେ ସେଥି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଗ୍‌ଦର୍ଶନରେ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ସଚେତନତା ହିଁ ସୁରକ୍ଷିତ ଖାଉଟି ହୋଇଥିବାରୁ ଖାଉଟିମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ପ୍ରଥମେ ରାଜ୍ୟ ଉପଭୋକ୍ତ ସଚେତନତା ପ୍ରତିଷ୍ଠାନ(ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କନ୍‌ଜ୍ୟୁମର ଆୱାରସେନ୍(ସିକା) ପ୍ରତିଷ୍ଠା କରିବା କ୍ଷେତ୍ରରେ ଓଡ଼ିଶା ଭାରତବର୍ଷରେ ଅନ୍ୟତମ ରାଜ୍ୟ। ସଚେତନ ଖାଉଟି ଅସାଧୁ ବ୍ୟବସାୟୀ ଦ୍ୱାରା ହେଉଥିବା କୌଣସି ଠକେଇ ଓ ଶୋଷଣରୁ ନିଜକୁ ସୁରକ୍ଷିତ ରଖିପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

# ଆଇପିଏସ୍‌ଙ୍କ ଘରୁ ଚୋରି, ଭୁଲ୍ ତଦନ୍ତ ରିପୋର୍ଟ ଦେଉଛନ୍ତି ଏସ୍‌ଆଇ




**ଭୁବନେଶ୍ୱର(ସଂପର୍କବାର୍ତ୍ତା)-** ଭରତପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ଘରୁ ଚୋରି ମାମଲାର ତଦନ୍ତ ଠିକ୍ ଭାବରେ ନ କରି ଡିସିପିଙ୍କୁ ମିଛ ରିପୋର୍ଟ ଦେବା। ଭରତପୁର ଥାନାର ଏସ୍‌ଆଇ ମାନସ ରଞ୍ଜନ ମଲ୍ଲିକଙ୍କ ପାଇଁ ମହଙ୍ଗା ପଡିଛି। ତାଙ୍କୁ ରାତିଅଧିଆ ଡିସିପି ଅଫିସ୍‌କୁ ବଦଳି କରାଯାଇଥିବା ବିସ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏହାସହ କିଭଳି ଭାବେ ଏସ୍‌ଆଇ ମିଛ ରିପୋର୍ଟ ଦେଲେ ଏହାର ତଦନ୍ତ କରିବା ପାଇଁ ଏସିପିଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଗତ ସପ୍ତାହରେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ଜନେ ଆଇପିଏସ୍‌ଙ୍କ ଘରୁ ଚୋରି ହୋଇଥିଲା। ସେ ଏନେଇ କିଭଳି ଭାବେ ଏସ୍‌ଆଇ ମିଛ ରିପୋର୍ଟ ଦେବା। ଭରତପୁର ଥାନାର ଏସ୍‌ଆଇ ମାନସ ରଞ୍ଜନ ମଲ୍ଲିକଙ୍କ ପାଇଁ ମହଙ୍ଗା ପଡିଛି। ତାଙ୍କୁ ରାତି ଅଧିଆ ଡିସିପି ଅଫିସ୍‌କୁ ବଦଳି କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏହା ସହ କିଭଳି ଭାବେ ଏସ୍‌ଆଇ ମିଛ ରିପୋର୍ଟ ଦେଲେ ଏହାର ତଦନ୍ତ କରିବା ପାଇଁ ଏସିପିଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ଗତ ସପ୍ତାହରେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ଆଇପିଏସ୍‌ଙ୍କ ଘରୁ ଚୋରି ହୋଇଥିଲା ସେ ଏ ନେଇ ଥାନାରେ ଜଣାଇବା ପରେ ଏହାକୁ ତଦନ୍ତ କରିବା ପାଇଁ ଏସ୍‌ଆଇ ମାନସ ରଞ୍ଜନଙ୍କୁ ଦାୟିତ୍ୱ ଦିଅଯାଇଥିଲା। ହେଲେ ସେ ଏହାକୁ ଖାମଖିଆଲିଭାବେ ନେଇ ଘଟଣା ସ୍ଥଳକୁ ଯାଇ ନଥିଲେ। ଏପରିକି ଡିସିପି ତାଙ୍କୁ ଏହି ମାମଲା ବିଷୟରେ ପଚାରିବାରୁ ସେ ଏହାକୁ ଚୋରି ଭାବେ କହିଥିଲେ। କିନ୍ତୁ ଆଇପିଏସ୍ ଜଣଙ୍କ ଡିସିପିଙ୍କ ସହ ସିଧାସଳଖ କଥା ହୋଇ ତାଙ୍କ ଘରୁ କ'ଣ ଚୋରି ହୋଇଛି ସବୁ କଥା କହିଥିଲେ। ଏହାପରେ ଡିସିପି ଏସ୍‌ଆଇ ମାନସଙ୍କୁ ତାଙ୍କୁ ଏହି ଚୋରିର ତଦନ୍ତ ରିପୋର୍ଟ ମାଗିଥିଲେ। ହେଲେ ମାନସ ଘଟଣାସ୍ଥଳକୁ ନ ଯାଇ ମିଛ ରିପୋର୍ଟ ପ୍ରସ୍ତୁତ କରି ଡିସିପିଙ୍କୁ ଦେଇଥିଲେ। ଡିସିପି ଏହା ଜାଣିବା ପରେ ରାତିଅଧିଆ ମାନସଙ୍କୁ ବଦଳି କରିଛନ୍ତି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଅକ୍ଟୋବର ୪ ରୁ ୧୦, ୨୦୨୧, ଜଗତସିଂହପୁର

October 4 to 10, 2021, Jagatsinghpur




# ପୁଣି ବଢ଼ିବ ବିଦ୍ୟୁତ୍ ଦର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମଉଳିଲା ବର୍ଦ୍ଧିତ ଦର ହ୍ରାସ ଆଶା। ଉପଭୋକ୍ତାଙ୍କ ପାଇଁ ବିଜୁଳି ଦର ବୋଝ ହାଲୁକା ହେବାର ନାହିଁ। ପୁଣି ଥରେ ବଢ଼ିପାରେ ବିଜୁଳି ଦର। ବିଦ୍ୟୁତ୍ ଦର ବୃଦ୍ଧି ନିଷ୍ପତ୍ତିକୁ ବଳବତ୍ତର ରଖିବା ସହ ବିଚାର ପାଇଁ ଥିବା ରିଭ୍ୟୁ ପିଟିସନ୍‌କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଖାରଜ କରିଛନ୍ତି। ଆବେଦନର ପୁନଃ ସମୀକ୍ଷା କରିହେବ ନାହିଁ। ଆବେଦନକାରୀ ଚାହିଁଲେ କୋର୍ଟର ଦ୍ୱାରସ୍ଥ ହୋଇପାରନ୍ତି ବୋଲି ଓଇଆର୍‌ସି ପକ୍ଷରୁ କୁହାଯାଇଛି। ତେଣୁ ଓଇଆର୍‌ସିର ଏହି ନିଷ୍ପତ୍ତି ପରେ ଏବେ ବିଜୁଳି ଦର ତ କମିବାର ଆଶା ନାହିଁ ବରଂ ବଢ଼ିବାର ଆଶଙ୍କା କରାଯାଉଛି। ଟାରିଫ୍ ବୃଦ୍ଧି ଦାବିରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(OHPC) ଆବେଦନ ଉପରେ ଆସନ୍ତା ୨୬ରୁ ଶୁଣାଣି ଆରମ୍ଭ ହେବାର ଅଛି। ତେଣୁ ବିଦ୍ୟୁତ୍ ଦର କମିବା ପରିବର୍ତ୍ତେ ବଢ଼ିବା ନେଇ ପୂର୍ବ ଅନୁମାନ ପ୍ରକାଶ ପାଉଛି।



ସୂଚନା ଯୋଗ୍ୟ, ଏପ୍ରିଲ୍‌ରୁ ଘରୋଇ ବ୍ୟବହାର ପାଇଁ ବିଦ୍ୟୁତ୍ ଦରରେ ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି ପରେ ସାଧାରଣରେ ଅସନ୍ତୋଷ ତେଜିଥିଲା। ସରକାରଙ୍କ ଟାର୍ଗେଟ୍ କରି ବିରୋଧୀ ଦଳ ରାସ୍ତାକୁ ଓହ୍ଲାଇଥିଲେ। ନିଷ୍ପତ୍ତିର ପୁନର୍ବିଚାର ଓ ପ୍ରତ୍ୟାହାର ଦାବିରେ ଓଇଆର୍‌ସିଙ୍କ ନିକଟରେ ରିଭ୍ୟୁ ପିଟିସନ୍ ମଧ୍ୟ ଦାବି ହୋଇଥିଲା। ଶୁଣାଣିର ସୁଫଳ ମିଳିବ, ଦର ବୃଦ୍ଧି ନିର୍ଦ୍ଦେଶନାମାରେ ସମୀକ୍ଷା ହେବ ବୋଲି ଆଶା ଥିଲା। ହେଲେ ଓଇଆର୍‌ସି ଏହି ପିଟିସନ୍‌କୁ ଖାରଜ କରିବା ପରେ ଜନସାଧାରଣଙ୍କ ସବୁଆଶା ମଉଳୁଥିବା ପ୍ରକାଶ ପାଉଛି। ଏହି ଅବସରରେ ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥୀ କହିଛନ୍ତି ପିଟିସନ୍‌ରେ ଦର୍ଶାଯାଇଥିବା ଯୁକ୍ତି ପୁନଃ ସମୀକ୍ଷା ପାଇଁ ନୁହେଁ ବରଂ ଅପିଲ୍ ପାଇଁ। ଆବେଦନରେ ଦର୍ଶାଯାଇଥିବା କୌଣସି ଯୁକ୍ତିକୁ ଓଇଆର୍‌ସି କର୍ତ୍ତୃପକ୍ଷ ଶୁଣିନଥିଲେ। ତେଣୁ ଏ ନେଇ ବିଚାର ବିମର୍ଷ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମହାସଂଘ କହିଛି।

# ଗିରଫ ହେବେ କଟକ ଚୋରା ନିଶା ବ୍ୟବସାୟୀ

**କଟକ(ସଂପର୍କ ବାର୍ତ୍ତା):-** ଏବେ ପାର୍ବଣ ଋତୁ ଚାଲିଛି । ଏହି ସମୟରେ ଚୋରା ମଦ ବେପାର ଟିକେ ଅଧିକ ହୋଇଥାଏ । ଯାହାକି ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ବିଗାଡିଦିଏ । ତେଣୁ ଏହି ଚୋରା ମଦ ବେପାର ଅଙ୍କୁଶ ଲଗାଇବା ପାଇଁ କଟକ ପୁଲିସ ଏକ ସ୍ପେସାଲ୍ ଡ୍ରାଇଭ୍ ଆରମ୍ଭ କରିଛି । ସବୁ ଥାନା ଅଞ୍ଚଳରେ ଚୋରାରେ ଚାଲିଥିବା ମଦ ବେପାରୀଙ୍କୁ ଧରିବା ପାଇଁ ଏହି ଡ୍ରାଇଭ୍ ଆରମ୍ଭ ହୋଇଛି । ଏନେଇ କଟକ ଡିସିପି ପ୍ରତ୍ୟେକ ଥାନାକୁ ଏକ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ଦେଇଛନ୍ତି । ଏହି ଅନୁସାରେ ଥାନା ପକ୍ଷରୁ ଅବକାରୀ ଧାରାରେ ମାମଲା ରୁଜୁ କରିବା ସହିତ ଚୋରା ବେପରୀଙ୍କୁ ଗିରଫ କରାଯିବ । ଖାଲି ସେତିକି ନୁହେଁ, ବେପାର ପାଇଁ ଥିବା ମଦ ମଧ୍ୟ ଜବତ ହେବ । ତେବେ ଏହି ନିର୍ଦ୍ଦେଶ ଦିଆଯିବା ପରେ ଏଯାବତ ବିଭିନ୍ନ ଥାନାରେ ୧୭ ଜଣ ଚୋରା ମଦ ବେପାରୀ ଗିରଫ ହୋଇସାରିଲେଣି ।

ପାର୍ବଣ ସମୟରେ ନିଶା ବେପାର, ଖାସ୍ କରି ଚୋରା ମଦ ବେପାର ଅଧିକ ହୁଏ । ପ୍ରତି ବର୍ଷ ପୂଜା ଆସିଲେ ଏହି ବେପାର ଦୁଇ ଗୁଣା ବଢ଼ିଯାଏ । ଜିଲ୍ଲା ବାହାରୁ ପର୍ଯ୍ୟାପ୍ତ ପରିମାଣର ଦେଶୀ ରନ୍ଧା ମଦ ସହିତ ସରକାରୀ ଆସ୍କାଫଟି ମଦର ଚୋରା ବେପାର ମଧ୍ୟ ଜୋରଦାର୍ ହୁଏ । ଏହି ମଦ ପାଇଁ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡିଯାଏ । ଯାହାକି ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥାଏ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପୂଜା ଋତୁ ଆରମ୍ଭ ହେବା ମାତ୍ରେ ପୁଲିସ ଏହି

**ପୂଜାରେ ୧୭ ଥାନାକୁ ଟାର୍ଗେଟ୍**

ମଦ ବେପାରୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଆଜିଠାରୁ ଏକ ସ୍ପେଶାଲ୍ ଡ୍ରାଇଭ୍ ଆରମ୍ଭ ହୋଇଛି । ଏହି ଅନୁସାରେ ସବୁ ଥାନାକୁ ଟାର୍ଗେଟ୍ ଦିଆଯାଇଛି । ଖାସ୍ କରି ଯେଉଁ ଥାନା ଅଞ୍ଚଳରେ ପୂର୍ବରୁ ଯେତେ ଜଣ ପୁରୁଣା ଦାଗୀ ମଦ ବେପାରୀ ଅଛନ୍ତି, ସେହି ସଂଖ୍ୟାକୁ ଭିତ୍ତି କରି ଟାର୍ଗେଟ୍ ସ୍ଥିର ହୋଇଛି । କଟକ ସହର ଉପକଣ୍ଠ ଥାନା ଚୌଦ୍ୱାରା, ଜଗତପୁର, ସଦର, ବାରଙ୍ଗ ଓ କନ୍ଦରପୁର ଥାନାକୁ ୫ଟି କରି ମାମଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସିଡିଏ ଫେଜ୍ - ୨ ଥାନାକୁ ଦୁଇଟି ମାମଲା କରିବାକୁ କୁହାଯାଇଛି । ଏହାଛଡା ସହର ଭିତରର ୧୧ଟି ଥାନାକୁ ପ୍ରାୟ ୮୦ଟି ମାମଲା କରିବା ଅର୍ଥାତ୍ ୮୦ ଜଣ ଦାଗୀ ମଦ ବେପାରୀଙ୍କୁ ଗିରଫ କରିବାକୁ କୁହାଯାଇଛି । ସେହିଭଳି ଅଧିକରୁ ଅଧିକ ମାତ୍ରାର ଚୋରା ମଦ ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଚି । ତେବେ ଏହି ନିର୍ଦ୍ଦେଶ ଦିଆଯିବା ପରେ ଏଯାବତ୍ ୧୭ଜଣ ମଦ ବେପାରୀ ଗିରଫ ହୋଇସାରିଲେଣି । ବାରଙ୍ଗ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ବିଡାନାସୀ ୧, କ୍ୟାଣ୍ଟନମେଣ୍ଟ, ୧, ସିଡିଏ ଫେଜ୍ - ଦୁଇ ୧, ଚୌଦ୍ୱାର ୨, ଜଗତପୁର ୨, କନ୍ଦରପୁର ୨, ଲାଲ୍‌ବାଗ ୧, ମଧୁପାଟଣା ୧, ମାଲ୍‌ଗୋଦାମ ୨, ପୁରୀଘାଟ ୧ ଓ ସଦର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ଧରପଗଡକୁ ଜୋର୍‌ଦାର୍ କରିବାକୁ ସବୁ ଥାନା ଏବେ ଲାଗି ପଡିଛନ୍ତି ।

# କଟକରେ ପୂଜା ଚାନ୍ଦା ମାଗିବ ତ ବନ୍ଧା ହେବ


**କଟକ(ତପନ ମହାନ୍ତି):-** ଦଶହରା ସମୟରେ ଘଟୁଥିବା କଟକରେ ଅପରାଧିକ କାର୍ଯ୍ୟକଳାପ ମଧ୍ୟରୁ ଦାଦାବଟି ଆଦାୟ ଏକ ପ୍ରମୁଖ ଘଟଣା। ପୂଜା ଚାନ୍ଦା ନାଁରେ ଜୁଲମ କରି ବ୍ୟବସାୟୀଙ୍କଠାରୁ ଦାଦାବଟି ଆଦାୟ କରନ୍ତି ଅସମାଜିକମାନେ । କିଛି ଦିନ ତଳେ କଲେଜଛକ ପୂଜା ପ୍ରତିଷ୍ଠାନ ନାଁରେ ଦାଦାବଟି ମାଗିବା ଅଭିଯୋଗରେ ଦୁଇ ଜଣଙ୍କୁ ମାଲଗୋଦାମ ଥାନା ପୁଲିସ ଗିରଫ କରିଥିଲା । କଲେଜଛକ ପୂଜା ପ୍ରତିଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା । ପ୍ରତିଷ୍ଠାନକୁ ବଦନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ସମ୍ମିଳନୀରେ ପ୍ରତିଷ୍ଠାନର ସଦସ୍ୟମାନେ କହିଥିଲେ । ତେବେ



ଦାଦାବଟିକୁ ଆଉ ପ୍ରଶୟ ଦିଆଯିବନି ବୋଲି ଗୁରୁବାର ସାରଳାଭବନରେ ଅନୁଷ୍ଠିତ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ କହିଛନ୍ତି ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ । ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଦାଦାବଟିକୁ ନାଁ ଏକ ଅଭିଯାନ ଜାରି ରହିଛି । ଯେଉଁଥିରେ ଦାଦାବଟି ଆଦାୟକାରୀଙ୍କ ଉପରେ ପୁଲିସର କଡା ନଜର ରହିଛି । ଦାଦାବଟି ଆଦାୟ ଭଳି ବେଆଇନ କାର୍ଯ୍ୟକୁ କଟକରେ ଆଦୌ ଗ୍ରହଣ କରାଯିବନି । ଯେଉଁମାନଙ୍କୁ ଦାଦାବଟି ମଗାଯାଉଛି ସେମାନେ ପୁଲିସକୁ ତୁରନ୍ତ ଜଣାଇବା ପାଇଁ କମିସନର ଶ୍ରୀ ପ୍ରିୟଦର୍ଶୀ କହିଛନ୍ତି ।

# ଖଣ୍ଡଗିରିରେ ଯୁବତୀଙ୍କ ହାତରେ ବିୟର ବୋତଲ, ସିଗାରେଟ୍

**ଭୁବନେଶ୍ୱର(ପରମେଶ୍ୱର ଦାଶ)-** ସ୍ମାର୍ଟ ସିଟି ଭୁବନେଶ୍ୱରରେ ମଦ୍ୟପ ଯୁବତୀଙ୍କଯକ ହାଇ ଡ୍ରାମା। ଗୋଟିଏ ହାତରେ ମଦ ବୋତଲ ଆଉ ଗୋଟେ ହାତରେ ସିଗାରେଟ୍। ଅଟୋ ଭିତରେ ବସି ବିୟ ବୋତଲ ଧରି ଢକ୍ ଢକ୍ କରି ପିଉଥିବା ବେଳେ ଅନ୍ୟହାତରେ ସିଗାରେଟ୍ ଦରି ଉଡାଉଛନ୍ତି ଧୂଆଁ। ହାଇଫାଇ ପରିବାରର ଜଣାପଡୁଛନ୍ତି ଯୁବତୀ କିନ୍ତୁ ଅଟୋରେ ବସି ବିୟର ପିଇ ଲୋକଙ୍କୁ ଜାଛାତା କଥା କହୁଛନ୍ତି। ଟାଙ୍କେ ମଦ ପିଇ ମାତାଲା ହୋଇ ରୋଡ୍ ଉପରେ ଚଳାଇଛନ୍ତି ହାଇଡ୍ରାମା। ଦେଖଣାହାରି ମଧ୍ୟ ଟିକେ ଅଟକି ଯାଇ ଦେଖୁଛନ୍ତି ମଦ୍ୟପ ଯୁବତୀଙ୍କ ଉନ୍ମତ୍ତ କାଣ୍ଡ। ଭୁବନେଶ୍ୱର ଖଣ୍ଡଗିରି ନିକଟରେ ଥିବା ଏକ ଜନହଳିପୂର୍ଣ୍ଣ ରୋଡ୍‌ରେ ଆଜି ଦେଖିବାକୁ ମିଳିଥିଲା ଏଭଳି ଜଣେ ମାତାଲ ଯୁବତୀଙ୍କ ନାରକୀୟ କାଣ୍ଡ। ଅଟୋ ଭିତରେ ବସି ସିଗାରେଟ୍ ସାଙ୍ଗକୁ ବିୟର ବୋତଲ



ଟେକୁଥିଲେ। ଭିଡ ଜମିବାରୁ ପୋଲିସ୍ ମଧ୍ୟ ପହଞ୍ଚିଥିଲା। ପଚରାଉଚରା ବେଳେ ପୋଲିସ୍‌କୁ ମଧ୍ୟ ହାରକିନ୍ ଦେଖାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ପୋଲିସ୍ ତାଙ୍କୁ ପଚରାଉଚରା କରିବା ସହିତ କେବଳ ଫାଇନ୍ କାଟି ଛାଡିଦେଇଥିବା ସୂଚନା ମିଳିଛି। ଏହା ସହିତ ଯୁବତୀ ଜଣକ ନିଜ ନାଁ, ବାପା-ମାଙ୍କ ନାଁ ବି ନିର୍ଭୀକ ଭାବେ କହୁଛନ୍ତି। ସମ୍ଭ୍ରାନ୍ତ ପରିବାରର ଜଣାପଡୁଥିବା ଯୁବତୀ କେନ୍ଦ୍ରାପଡା ଅଞ୍ଚଳର ବୋଲି କହୁଥିବା ବେଳେ ପୋଲିସ୍ ସାମ୍ନାରେ ମଧ୍ୟ ସିଗାରେଟ୍ ଧୂଆଁ ଉଡାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହା ଦେଖି ରାସ୍ତାରେ ଯାଉଥିବା ଲୋକଙ୍କ ପ୍ରବଳ ଭିଡ ଜମିଥିଲା।

ବି.ଦ୍ର.- ଧୂମ୍ରପାନ ଏବଂ ମଦ୍ୟପାନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଏ ଗୁଡିକ ଠାରୁ ଦୂରରେଇ ରୁହନ୍ତୁ। କୌଣସି ବ୍ୟକ୍ତି ବିଶେଷଙ୍କ ଆତ୍ମ ସମ୍ମାନକୁ ହାନି ପହଞ୍ଚାଇବା ଆମର ଉଦ୍ଦେଶ୍ୟ ନୁହେଁ।

# ଜଗତସିଂହପୁର ଜିଲ୍ଲାରେ ଦୁର୍ଗାପୂଜା ପ୍ରସ୍ତୁତି

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଦୁର୍ଗାପୂଜା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଚଳିତ ବର୍ଷ ଦୁର୍ଗାପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ରାଜ୍ୟ ସରକାରଙ୍କର କୋଭିଡ୍ ମାର୍ଗ ଦର୍ଶିକା ଅନୁଯାୟୀ ପାଳନ କରିବା ପାଇଁ ସମସ୍ତ ମେଢ଼ କମିଟିକୁ ପରାମର୍ଶ ଦେଇଥିଲେ । ଜଗତସିଂହପୁର ଜିଲ୍ଲା କୋଭିଡ୍ ଟୀକାକରଣରେ ରାଜ୍ୟରେ ୨ୟ ସ୍ଥାନ ଅଧିକାର କରିଛି । ଜଗତସିଂହପୁର ସହରକୁ ଏକ ଉନ୍ନତମାନର ପୌରପାଳିକା ଭାବେ ଗଢ଼ି ତୋଳିବାକୁ ଅନେକ ପଦକ୍ଷେପ ନିଆଯାଇଛି । ବକ୍ସ କଲଭଟ୍ ନିର୍ମାଣ, କଲେଜ ଛକ ଷ୍ଟାଡିୟମ ରୋଡ୍ ପ୍ରଶସ୍ତିକରଣ, କଲେଜଛକରେ ମାର୍କେଟ କଂପ୍ଲେକ୍ସ, ଏସିଟିପି ପ୍ଲାଣ୍ଟ ଆଦି କାର୍ଯ୍ୟ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି । ଜିଲ୍ଲାରେ ପୂଜା ମଣ୍ଡପ/ପେଣ୍ଡାଲରେ ପୂଜା ଆୟୋଜନ ନିମନ୍ତେ ପୂଜା କମିଟି ଓ ଆୟୋଜକ ମାନେ ଉପ-ଜିଲ୍ଲାପାଳଙ୍କ ଠାରୁ ଅନୁମତି ନେବେ । ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ କମ୍ ରହିବ । ପୂଜା ସ୍ଥଳୀର ତିନିପାଖ ବନ୍ଦ ରହିବା ସହିତ ଆଗପଟ ପରଦା ଦ୍ୱାରା ବନ୍ଦ ରହିବ, ଯେପରି ସର୍ବସାଧାରଣ ଦର୍ଶନ କରି ପାରିବେ ନାହିଁ । ପୂଜା ମଣ୍ଡପରେ ପୁରୋହିତ, ଆୟୋଜକ ଏବଂ ସହାୟକଙ୍କୁ ମିଶାଇ ୭ ଜଣରୁ ଉର୍ଦ୍ଧ ବ୍ୟକ୍ତି ଉପସ୍ଥିତ ରହି ପାରିବେ ନାହିଁ । ଯେଉଁମାନେ ପୂଜା ମଣ୍ଡପରେ ଉପସ୍ଥିତ ରହିବେ, ସେମାନେ କୋଭିଡ୍-୧୯ ନିୟମ ପାଳନ କରିବା ସହିତ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ବଜାୟ ରଖିବା, ବ୍ୟକ୍ତିଗତ ସ୍ୱଚ୍ଛତା ବାଧ୍ୟତାମୂଳକ ପାଳନ କରିବେ । କୌଣସି ପୂଜା ମଣ୍ଡପରେ ଡାକବାଜି ଯନ୍ତ୍ର ବ୍ୟବହାର କରାଯିବ ନାହିଁ । ପ୍ରତିମୂର୍ତ୍ତି ବିସର୍ଜନ ସମୟରେ କୌଣସି ପ୍ରକାର ଶୋଭାଯାତ୍ରା



କରାଯିବ ନାହିଁ । ପୂଜା ମଣ୍ଡପରେ କୌଣସି ମ୍ୟୁଜିକାଲ କାର୍ଯ୍ୟକ୍ରମ ବା ଆମୋଦ ପ୍ରମୋଦ କାର୍ଯ୍ୟକ୍ରମ କରାଯିବ ନାହିଁ ଅକ୍ଟୋବର ୧୬ ତାରିଖ ଶନିବାର ଦିନ ୧୨ଟାରୁ ଅପରାହ୍ନ ୪ଟା ମଧ୍ୟରେ ସମସ୍ତ ପୂଜା କମିଟି ସହର ମଧ୍ୟରେ ହୋଇଥିବା ୪ ଗୋଟି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବେ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏବଂ ପ୍ରଦୁଷଣ ନିୟନ୍ତ୍ରଣ ବିଭାଗର ନିୟମ ଅନୁସାରେ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ । ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡା, ପୁରୋହିତପୁର ଏବଂ କଲେଜ ଛକଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡରେ ଅସ୍ଥାୟୀ ପୋଖରୀ ଖନନ କରାଯିବ । ଦୁର୍ଗାପୂଜା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଆରକ୍ଷୀ ଅଧିକ୍ଷକ ବ୍ୟବସ୍ଥା କରିବେ । ଶେଷରେ ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପୀତାମ୍ବର ସ୍ୱାଇଁଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍, ବିଭାଗୀୟ ଅଧିକାରୀ, ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ, ସମସ୍ତ ମେଢ଼ର କର୍ମକର୍ତ୍ତା, ଶାନ୍ତି କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ପାଦକୀୟ

## ଲକ୍‌ଡାଉନ୍ ନିଶା

ଲକ୍‌ଡାଉନ୍‌ରେ ନିଶାଡିକ ସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଇଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। କରୋନାରୁ ରକ୍ଷା ପାଇବା ପାଇଁ କିଛି ଲୋକ ତମାଖୁ ବ୍ରାଉନ୍‌ସୁଗାର କିମ୍ବା ମଦ୍ୟ ପାନକୁ ଆପଣାଇ ନେଇଛନ୍ତି। ସାମୟୀକ ଭାବରେ ଏଥିରୁ ମୁକ୍ତି ମିଳୁଥିଲେ ବି କରୋନା ଭୟ ଠାରୁ ଛାନିଆ ରୋଗ ଲୋକଙ୍କୁ ଘାରିଛି। ଯାହାଫଳରେ ଅନେକ ମାନସିକ, ଶରୀରିକ ସମସ୍ୟାରେ ବ୍ୟକ୍ତି ବିଶେଷମାନେ ଜଟିଳ ହୋଇପଡୁଛନ୍ତି। ରାଜ୍ୟରେ ଏଭଳି ଅବସ୍ଥା ହେଲାଣି ଯେ ଅପରାଧ ଠାରୁ ରୋଗ ବୃଦ୍ଧି ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ଘଟଣା ପଛରେ ନିଶା ଏକ ବଡ କାରଣ

**○ ପର୍ଯ୍ୟାପ୍ତ ଅବସର ସମୟ**
**○ ମାନସିକ ଚାପ**

ପାଲଟିଛି ବୋଲି ଖବର କାଗଜରେ ପୃଷ୍ଠା ମଣ୍ଡନ କରିବାରେ ଲାଗିଛି। କରୋନା ଓ ଲକ୍‌ଡଉନ୍ ପରେ ଏମ୍ସକୁ ଆସୁଥିବା ନିଶା ଜନିତ ମାନସୀକ ରୋଗୀଙ୍କ ସଂଖ୍ୟା ପ୍ରାୟ ୧୫ରୁ ୨୦% ବୃଦ୍ଧି ପାଇଛି। ଇତି ମଧ୍ୟରେ ବ୍ରାଉନ୍‌ସୁଗାର ବ୍ୟବହାରିକ ସଂଖ୍ୟା ବୃଦ୍ଧି ପାଇବାର କାରଣ ବୋଲି ମତ ଦେଇଛନ୍ତି ଏମ୍ସ ମନସ୍ତତ୍ୱ ବିଭାଗ ବିଶେଷଜ୍ଞ ଦେବଦତ୍ତା ମହାପାତ୍ର। ଡ. ମହାପାତ୍ର ଗଣମାଧ୍ୟମକୁ ଜଣାଇଛନ୍ତି ଯେ ଏମ୍ସକୁ ଦୈନିକ ଆସୁଥିବା ହାରାହାରି ୬୦-୭୦ ମାନସୀକ ରୋଗୀଙ୍କ ମଧ୍ୟରୁ ୧୫-୨୦% ନିଶାଜନିତ କାରଣରୁ ଆସୁଥାନ୍ତି। ଏମାନଙ୍କ ମଧ୍ୟରୁ କରତେକ ରୋଗୀ ମେଡିସିନ୍, ଗ୍ୟାଷ୍ଟ୍ରୋ ଆଦି ବିଭାଗକୁ ଅନ୍ୟ ରୋଗ ଚିକିତ୍ସା ପାଇଁ ଆସିଥିବା ବେଳେ ମନସ୍ତତ୍ୱ ବିଭାଗକୁ ରେଫର୍ ହୋଇଥାନ୍ତି। ନିଶା ଜନିତ କାରଣରୁ



ସମ୍ପାଦକ

ଦୁର୍ଘଟଣାରେ ଶିକାର, ନିଶା ସହିତ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ବି ପୋଲିସ୍ ଏଠାକୁ ଆଣିଥାଏ। ଏଥି ସହିତ ନିଶା ସେବନ ଅଭ୍ୟାସ ଛଡାଇବା ପାଇଁ ପରିଜନମାନେ କେତେଜଣଙ୍କୁ ଡାକ୍ତରଙ୍କ ପାଖକୁ ଆଣିଥାନ୍ତି। ସ୍ୱେଚ୍ଛାକୃତ ଭାବରେ କୌଣସି ବ୍ୟକ୍ତି ଏଠାକୁ ଆସିବା ସଂଖ୍ୟା ସେଭଳି ଆଖିଦୃଶିଆ ହୋଇନାହିଁ। ପୂର୍ବରୁ ଏଭଳି ରୋଗୀଙ୍କ ସଂଖ୍ୟା ଯାହା ଥିଲା ଲକ୍‌ଡାଉନ୍ ପରେ ଏହା ବୃଦ୍ଧି ପାଇଛି।

କୌତୁହଳ ବିଷୟ ହେଲା ଲକ୍‌ଡାଉନ୍‌ରେ ଅନ୍ୟସବୁ ବ୍ୟବସାୟ ହ୍ରାସ ପାଇଥିଲେ ମଧ୍ୟ ନିଶା କାରବାର ବଢିଥିଲା ଏପରିକି ସ୍ୱିଗି, ଜମାଟୋରୁ ଲୋକେ ମଦ କିଣି ପିଇଥିଲେ। ବ୍ରାଉନ୍‌ସୁଗାର ବି ବ୍ୟବହାର କରିଥିଲେ। ପର୍ଯ୍ୟାପ୍ତ ଅବସର ସମୟ ମିଳୁଥିବାରୁ ଏହା ସେମାନଙ୍କୁ ସୁବିଧା ମିଳିଥିଲା। ଏଥିସହିତ ମାନସିକ ଚାପ ଯୋଗୁଁ କିଛି ବ୍ୟକ୍ତି ନିଶାଖୋର ହୋଇ ମାନସିକ ରୋଗୀ ପାଲଟିଛନ୍ତି। ଯାହା ଅନ୍ୟସମୟ ଅପେକ୍ଷା ଆହୁରି ଜଟିଳ ହୋଇଛି। ଡ. ଦେବଦତ୍ତା କହନ୍ତି ସାଧାରଣ ସମୟରେ ରାଜ୍ୟରେ ପାନ କିମ୍ବା ଗୁଣ୍ଡି ଆକାରରେ ତମ୍ବାଖୁ ସେବନକାରୀ ସଂଖ୍ୟା ସର୍ବାଧିକ। ଗାଁ ଠାରୁ ସହର ଯାଏଁ ସବୁଠି ଛୋଟ ବେଳୁ ହିଁ ଅନେକ ଏହାକୁ ନେଇ ଅଭ୍ୟସ୍ତ ଥାଆନ୍ତି। ମାନସିକ ଭାବରେ ତମ୍ବାଖୁ ଉପରେ ନିର୍ଭରଶୀଳତା ଏତେ ଅଧିକ ଅନୁଭବ କରନ୍ତି ଯେ ଏହା ନ ହେଲେ ଶୌଚ ଠିକ୍ ଭାବେ ହୁଏନି ବୋଲି ଅନେକ ରୋଗୀ ଭାବନ୍ତି। ଅନ୍ୟ ନିଶା ତୁଳନାରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ନଥିଲେ ମଧ୍ୟ ଏହି ଅଭ୍ୟାସ ଛଡାଇବା ସର୍ବାଧିକ କଷ୍ଟକର। ମଦ୍ୟପାନ ଯୋଗୁଁ ହାତ ଥରେ, ଛାନିଆ ଲାଗେ, ନିଦ ହୁଏନି, ଫିଟ୍‌ସ୍ ହୁଏ, ଦିନରାତିକୁ ନେଇ ଭ୍ରମ ହୁଏ। ଏପରିକି ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତି ନିଜ ଲୋକଙ୍କୁ ଚିହ୍ନି ପାରନ୍ତି ନାହିଁ। ବ୍ରାଉନ୍‌ସୁଗାର ନେଉଥିଲେ ନାକ, ଆଖିରୁ ପାଣି ବାହାରେ, ହାଇ ଓ ଛିଙ୍କ ଆସେ, ପତଳା ଛାଡା କିମ୍ବା ଅଧିକ ବ୍ରାଉନ୍‌ସୁଗାର ନେଉଥିଲେ ନିୟମିତ ବାତ ବି ମାରେ। ଗଞ୍ଜେଇ ନେଉଥିବା ବ୍ୟକ୍ତିଙ୍କ ମାନସିକ ରୋଗ ସମସ୍ୟା ଅଧିକ ଥାଏ। ମଦ୍ୟପାନ ଓ ବ୍ରାଉନ୍‌ସୁଗାର ନେଉଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇବା ଆବଶ୍ୟକ ହୁଏ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବର୍ତ୍ତମାନ ସିଗାରେଟ୍‌ରେ ଗଞ୍ଜେଇ ଟାଣୁଥିବା ବ୍ୟକ୍ତି ଅଧିକ ଦେଖାଯାଉଛନ୍ତି। ପେଟ୍ରୋଲ୍, ଡ୍ରେନ୍‌ଡ୍ରାଇଟ୍ ବା ନେଲ୍‌ପଲିସି ସୁଙ୍ଘିବା, ଅତ୍ୟଧିକ ନିଦ ଔଷଧ ସେବନ କରିବା, କୋରେକ୍ସ ପିଇବା ଆଦି ଅଭ୍ୟାସ ଯୋଗୁ ମଧ୍ୟ ମାନସିକ ରୋଗ ବଢୁଛି। ବିନା ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍‌ରେ ନିଦ ଔଷଧ ବିକ୍ରୟକୁ ସରକାର ନିଷେଧ କରିଥିବାରୁ ଲୋକେ ସହଜରେ ଏହି ଔଷଧ ପାଉନାହାଁନ୍ତି। ଏଥିଯୋଗୁଁ ସୃଷ୍ଟ ମାନସିକ ଚାପରୁ ରକ୍ଷା ପାଇବା ପାଇଁ ଡାକ୍ତରଖାନା ଆସୁଛନ୍ତି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଓଡ଼ିଶା ଦେଉଛି ବିପର୍ଯ୍ୟୟ ପରିଚାଳନା ତାଲିମ



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲାରେ ଓଡିଶା ହୋଇଛି ପଥପ୍ରଦର୍ଶକ। ଗତ ୨୧ ବର୍ଷ ଧରି ବାତ୍ୟା, ବନ୍ୟା ଓ ମରୁଡିକୁ ରାଜ୍ୟ ସରକାର ଯେପରି ସଫଳତାର ସହ ମୁକାବିଲା କରିଛନ୍ତି ଏହାକୁ ସାରା ବିଶ୍ୱ ପ୍ରଶଂସା କରିଛି। ଆମ ଦେଶର ୯ଟି ରାଜ୍ୟ ଓ ଚାରୋଟି କେନ୍ଦ୍ରଶାସିତ ଅଞ୍ଚଳ ଓଡିଶାର ମୁକାବିଲା ଶୈଳୀକୁ ଅନୁକରଣ କରିଛନ୍ତି। ଏସବୁ ରାଜ୍ୟର ଅଧିକାରୀମାନଙ୍କ ପାଇଁ ୩ ଦିନ ଧରି ଭୁବନେଶ୍ୱରର ଗୋପବନ୍ଧୁ ଏକାଡେମୀରେ କର୍ମଶାଳାର ଆୟୋଜନ କରାଯାଇଛି। ଛତିଶଗଡ, ପଶ୍ଚିମବଙ୍ଗ, ଗୁଜରାଟ, ତାମିଲ୍‌ନାଡୁ, ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ତ୍ରିପୁରା, ଗୋଆ ଆଦି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୨ ଜଣ ଅଧିକାରୀ ଅଂଶ ଗ୍ରହଣ କରୁଛନ୍ତି। ତାଲିମ ସମୟରେ ଏହି ଅଧିକାରୀମାନେ ରାଜ୍ୟ ଆପଦକାଳୀନ କେନ୍ଦ୍ର, ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ଆଗୁଆ ସତର୍କ ସୂଚନା ପ୍ରସାରଣ, ଉଦ୍ଧାର ଓ ରିଲିଫ୍ ଯୋଗାଣ ପାଇଁ ବ୍ୟବହୃତ ଯନ୍ତ୍ରପାତି, ଆପଦକାଳୀନ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମକ୍‌ଡ୍ରିଲ୍, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଦେଖିବେ। ଏଥିସହିତ ପାଣିରୁ କିଭଳି ଉଦ୍ଧାର କରାଯିବ, ଗଛ କାଟି କିପରି ରାସ୍ତା ସଫା କରାଯିବ ଓ ଯାନ୍ତ୍ରିକ ଢଙ୍ଗା ଦ୍ୱାରା ଲୋକଙ୍କୁ କିଭଳି ସ୍ଥାନାନ୍ତର କରାଯିବ ଏନେଇ ଦିଆଯିବ ଶାରୀରିକ ଶିକ୍ଷା। ଓସଡମା ପକ୍ଷରୁ ଏହି ଶିକ୍ଷା ଦିଆଯିବ କୋଣାର୍କର ରାମଚଣ୍ଡୀରେ।

ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ହୋଇଛି ଓଡ଼ିଶା। ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟ ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା। ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡିଶା ଏବେ ଅନେକାଂଶରେ ସଫଳ ହୋଇଛି। ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି। ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି। ଏହି ଜଳ ବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉତ୍ତପ୍ତ ରହୁଛି। ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି। ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି। ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି। ୪ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି। ଏଥିରୁ ଜଣା ପଡୁଛି ଯେ, ଓଡିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି। ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି।

ଚଳିତ ବର୍ଷ ଲଘୁଚାପ ବର୍ଷା ଓଡିଶା ପାଇଁ ବନ୍ୟାଡର ସୃଷ୍ଟି କରିଛି। ସେପ୍ଟେମ୍ବରରେ ଗୋଟିଏ ଲଘୁଚାପ ଓ ଲଗାଣ ବର୍ଷା ନଯାଉଣୁ ପୁଣି ୨୫ ତାରିଖ ବେଳକୁ ଆଉ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା । ଏହାର ପ୍ରଭାବରେ ୨୬ ତାରିଖରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଯାଇଛି। ବାତ୍ୟା ଗୁଲାବ ବିପଦ ଟଳିଯାଇଥିଲେ ବି ପୁଣି ମିଆଁମାର ଉପକୂଳରେ ସୃଷ୍ଟି ହୋଇଥିବା ଘୁର୍ଣ୍ଣିବଳୟ ଆଉ ଏକ ଲଘୁଚାପରେ ପରିଣତ ହୋଇଥିଲା। ଏହାର ପ୍ରଭାବରେ ଓଡିଶା, ପଶ୍ଚିମବଙ୍ଗ,ଉତ୍ତର-ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିଲା। ଏବେବି ଆକାଶ ମେଘମୁକ୍ତ ହୋଇନାହିଁ। ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାର ବିପଦ ସଂକେତ ଉପରେ ରହିଛି। ପୁଣି ବର୍ଷା ହେଲେ ଜଳସ୍ତର ଆହୁରି ବଢିବା ସହ ଲୋକମାନଙ୍କର ଦୁର୍ଦ୍ଦଶା ଆହୁରି ବଢିବ। ତେଣୁ ଲଘୁଚାପ ଆସିଲେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୁରିବାକୁ ଯାଉଛି । ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟାକୁ ଆମେ ଭୁଲିପାରିବା ନାହିଁ । ପ୍ରକୃତିର ଏହି କ୍ରୁର ରୂପ କେତେବେଳେ କିଭଳି ଆକାର ଧାରଣକରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ବା ଲଘୁଚାପ ସୃଷ୍ଟିହେଲେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି ।

ବ ି ଶ ୍

ତାପାୟନ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଆମକୁ ମନେରଖିବାକୁ ହେବ ଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ରାଜ୍ୟ ସରକାର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଗତ ୯ ବର୍ଷ ମଧ୍ୟରେ ୮ଟି ବାତ୍ୟାର ସାମ୍ନା କରିଛି ରାଜ୍ୟ। ତନ୍ମଧ୍ୟରେ ରହିଛି ଫାଇଲିନ୍, ହୁଡ୍‌ହୁଡ୍, ତିତିଲି, ଫନି, ବୁଲ୍‌ବୁଲ୍, ଅମ୍ଫାନ, ୟସ୍ ଏବଂ ନିକଟରେ ଘଟିଯାଇଥିବା ଗୁଲାବ୍ ଇତ୍ୟାଦି। ଏହାକୁ ମୁକାବିଲା କରିବାରେ ସଫଳ ହେବା ସହିତ ଜିରୋ କାଜୁଆଲ୍ଟିରେ ମଧ୍ୟ ରାଜ୍ୟ ସଫଳ ହୋଇଛି।ଏଥିପାଇଁ ମିଳିତ ଜାତିସଂଘ ରାଜ୍ୟକୁ ପ୍ରଶଂସା କରିଛି। ଆଗାମୀ ଦିନରେ ଏହା ଆମକୁ ଉତ୍ସାହିତ କରିବ। ଉଲ୍ଲେଖଯୋଗ୍ୟ ଯେ, ଦୁଇଦଶନ୍ଧି ଭିତରେ ଓଡିଶାରେ ବିପର୍ଯ୍ୟୟ ମୁକାବିଲାପାଇଁ ଓଡ୍ରାଫ୍ ଫୋର୍ସ ଓ ଅଗ୍ନିଶମ ସେବା ଫୋର୍ସକୁ ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି। ଆଗୁଆ ସତର୍କ ସୂଚନା ପ୍ରସାରଣ ବ୍ୟବସ୍ଥାକୁ ବିକଶିତ କରାଯାଇଛି। ଓଡିଶା ହେଉଛି ପ୍ରଥମ ରାଜ୍ୟ ଯେକି, ବଜ୍ରପାତର ଆଗୁଆ ସୂଚନା ପ୍ରଦାନ କରୁଛି। ଓଡିଶାର ଅଭିଜ୍ଞତାକୁ ଅନ୍ୟମାନେ ଅନୁକରଣ କରିବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ତେବେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ସତର୍କ ରହିବା ଆବଶ୍ୟକ। ଏପରି ହେଲେ ସାମଗ୍ରିକ ଭାବେ କ୍ଷୟକ୍ଷତି ଅଧିକ ହେବ ନାହିଁ।

# ରସଲପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ





ଆଞ୍ଚଳିକ ସାଧନ କେନ୍ଦ୍ର ରସଲପୁର, ଜଗତସିଂହପୁର ଠାରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଗତ ୩୦ ତାରିଖ ଦିନ ସିଆର୍‌ସିସି ସତ୍ୟନାରାୟାଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଏକ ସମୟରେ ୬ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ଶିକ୍ଷା ଅଧିକାରୀ ଭାରତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ରସଲପୁରର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତ ଲେଙ୍କା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷକତା ଜୀବନର ସ୍ମୃତିଚାରଣ କରିଥିଲେ।

# ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ଦାୟିତ୍ୱରେ ସୁବୋଧ ନାୟକ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ସୁବୋଧ କୁମାର ନାୟକ ରାଜ୍ୟର ନୂଆ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଅନ୍ନଦା ଶଙ୍କର ଦାସଙ୍କ ଅବସର ଗ୍ରହଣ କରିବା ପରେ ଶ୍ରୀ ନାୟକଙ୍କୁ ଭାରପ୍ରାପ୍ତ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ଦାୟିତ୍ୱ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପ୍ରକାଶ ପାଇବା ପର୍ଯ୍ୟନ୍ତ ଶ୍ରୀ ନାୟକ ଏହି ଦାୟିତ୍ୱରେ ରହିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହା ସହ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶାଳୟରେ ୩ଜଣ ଅଧିକାରୀଙ୍କୁ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ପଦୋନ୍ନତି ଦିଆଯାଇଛି। ଡ୍ରଗ୍ସ କଣ୍ଟ୍ରୋଲର ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଶ୍ରୀ ନାୟକଙ୍କୁ ଯୁଗ୍ମ ଡ୍ରଗ୍ସ କଣ୍ଟ୍ରୋଲର, ଗୁଇନ୍ଦା ଓ ଏନ୍‌ଫୋର୍ସମେଣ୍ଟ ଦାୟିତ୍ୱ ଦିଆଯାଇଛି। ଏହା ସହ ନିଳ ମାଧବ ଦାଶଙ୍କୁ ପଦୋନ୍ନତି ପରେ ଯୁଗ୍ମ ଡ୍ରଗ୍ସ କଣ୍ଟ୍ରୋଲର କ୍ୱାଲିଟି କଣ୍ଟ୍ରୋଲର, ଉପ-ଡ୍ରଗ୍ସ କଣ୍ଟ୍ରୋଲର ଥିବା ମାମିନା ପଟ୍ଟନାୟକ ପଦୋନ୍ନତି ପରେ ରାଜ୍ୟ ଔଷଧ ନିଗମର ମହାପ୍ରବନ୍ଧକ(କ୍ୱାଲିଟି ଆସ୍ୟୁରାନ୍ସ) ଓ ନିଗମରେ ଡେପୁଟେସନ୍‌ରେ ଥିବା ଅଶୋକ ପାତ୍ରଙ୍କୁ ଫେରାଇ ଅଣାଯାଇ ଉପ ଡ୍ରଗ୍ସ କଣ୍ଟ୍ରୋଲର(ଗୁଇନ୍ଦା) ସହିତ ଉତ୍ତର ଜୋନ୍‌ର ଡିଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# କଂଗ୍ରେସର ପାଲ ବଣ୍ଟନ





**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଲଘୁଚାପ ଜନିତ ଲଗାଣ ବର୍ଷା ଦ୍ୱାରା ରଘୁନାଥପୁର ଅଂଚଳରେ ୧୯ ଗୋଟି ପଞ୍ଚାୟତ ଜଳ ଘେରରେ ରହିବା ସହ ବ୍ୟାପକ କ୍ଷୟ କ୍ଷତି ହୋଇଛି। ପୁରୁଣା ବସନ୍ତ ପଞ୍ଚାୟତର କଂଗ୍ରେସ ପକ୍ଷରୁ ଭାଙ୍ଗି ପଡିଥିବା ଚାଳଛପର ଘର ପରିବାରକୁ ଚିହ୍ନଟ କରି ପ୍ରଥମ ପର୍ଯ୍ୟାୟରେ ୩୦ ପରିବାରକୁ ପାଲ ବଣ୍ଟନ କରାଯାଇଛି। ବ୍ଲକ କଂଗେସ କମିଟିର ନିର୍ଦ୍ଦେଶ କ୍ରମେ ପୁରୁଣା ବସନ୍ତ ପଞ୍ଚାୟତର କଂଗ୍ରେସ ସଭାପତି ଚୌଧୁରୀ ବିମଳ କାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ମହିଳା କଂଗ୍ରେସ ନେତ୍ରୀ ସ୍ୱପ୍ନ ସରିତା ଦାସ, ଆଦିତ୍ୟ କୁମାର ସ୍ୱାଇଁ, ବିଭୂରଂଜନ ସ୍ୱାଇଁ, ବନବାଳି ମହାରଣା, କାଳନ୍ଦୀ ମହାନ୍ତି, ଗନ୍ଧର୍ବ ପାତ୍ର, ଗଣେଶ୍ୱର ସାହୁ, ଶତୃଘ୍ନ ସାହୁ ପ୍ରମୁଖ ଉପସ୍ଥିତ ରହ ପାଲ ବଣ୍ଟନ କରିଥିଲେ।

# କଟକରେ ଦଶହରା ଲାଗି ପୋଲିସ୍‌ର ପ୍ରସ୍ତୁତି

**କଟକ(ସଂପର୍କବାର୍ତ୍ତା):-** ଦଶହରାକୁ ଦୃଷ୍ଟିରେ ରଖି ଗୁରୁବାର କଟକ କମିସନରେଟ୍ ପୁଲିସର ଏକ ପ୍ରସ୍ତୁତି ବୈଠକ ସାରଳା ଭବନଠାରେ ଅନୁଷ୍ଠିତ ହୋଇଛି । ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ବୈଠକରେ ଅଧ୍ୟକ୍ଷତା କରିବା ସହିତ ପୂଜା ସମୟରେ ଲାଗୁ କରିବା ସହିତ ପୂଜା ସମୟରେ ଲାଗୁ ହେବାକୁ ଥିବା ବିଭିନ୍ନ କଟକଣା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍ଆର୍‌ସି)ଙ୍କ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍ଓପି) ଜାରି ହୋଇଛି । ଏହି ଏସ୍ଓପିକୁ ମାନି ପୂଜା ହେବ ବୋଲି ସେ କହିଥିଲେ । ମଣ୍ଡପରେ ଆଲୋକୀକରଣ ବ୍ୟବସ୍ଥା ଲାଗି ଅଳ୍ପ କିଛି ଲାଇଟ୍ ଲଗାଯିବ । ମଣ୍ଡପକୁ ଛାଡିଦେଲେ ଅନ୍ୟ କୌଣସି ସ୍ଥାନରେ ସାଜସଜ୍ଜା ଓ ଲାଇଟ୍‌ର ବ୍ୟବସ୍ଥା ହେବନାହିଁ । ୪ ଫୁଟ୍ ମୂର୍ତ୍ତି ରହିବା ସହ ମଣ୍ଡପକୁ ୩ ପାର୍ଶ୍ୱ ଆବଦ୍ଧ କରାଯିବ । ପରମ୍ପରା ଅନୁଯାୟୀ ଚଳିତ ବର୍ଷ ପୂଜା ହେବ । ସରକାରଙ୍କ ଏସ୍ଓପିକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇ ପୂଜା କରାଯିବ ବୋଲି କମିସନର ଶ୍ରୀ ପ୍ରିୟଦର୍ଶୀ କହିଥିଲେ । ଅନ୍ୟପକ୍ଷରେ ଭସାଣି ଯାତ୍ରା ହେବ ନାହିଁ । କେବଳ ମୃଣ୍ମୟୀଙ୍କୁ ନଦୀରେ ନେଇ ବିସର୍ଜନ କରାଯିବ । ଏଥି ନିମନ୍ତେ ଦୁଇ ଦିନ ସମୟ ଦିଆଯିବ ବୋଲି ବୈଠକରେ କୁହାଯାଇଥିଲା ।

ବିଭିନ୍ନ ଦେବୀପୀଠରେ ଷୋଡଶ ଦିନାତ୍ମକ ଷୋଡଶ ଉପଚାର ଆରମ୍ଭ ହୋଇ ସାରିଲାଣି । ପୂଜା ମଣ୍ଡପ ଗୁଡିକରେ ମଧ୍ୟ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ । ଏହି ପରିପ୍ରେକ୍ଷୀରେ ଦଶହରା ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ପ୍ରସ୍ତୁତ ହୋଇଛି କଟକ କମିସନରେଟ ପୁଲିସ । କମିସନରେଟ୍ ପୁଲି ଦ୍ୱାରା ମହାନଗର ଶାନ୍ତି ପୂଜା କମିଟି ଓ ପୂର୍ବାଞ୍ଚଳ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ଅନୁଷ୍ଠିତ ଏହି ବୈଠକରେ କୋଭିଡ୍ ଗାଇଡ୍ ଲାଇନ୍‌ରେ ପୂଜା କିଭଳି କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ମଣ୍ଡପରେ କିଭଳି ପୂଜା କରାଯିବ, ପୂଜା କମିଟି କର୍ତ୍ତୃପକ୍ଷ କିଭଳି ବ୍ୟବସ୍ଥା କରିବେ ସେ ନେଇ ମତ ପ୍ରକାଶ ପାଇଥିଲା । ସମସ୍ତ ପୂଜା କମିଟି କର୍ମକର୍ତ୍ତା କମିସନରେଟ୍ ପୁଲିସ ଗାଇଡ୍‌ଲାଇନ୍ ମାନିବେ ବୋଲି ପ୍ରତିଶୃତି ଦେଇଛନ୍ତି । ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିନା ଭକ୍ତରେ ପୂଜା କରାଯିବ । ମଣ୍ଡପରେ କୌଣସି ଭକତ ଦର୍ଶନ ଲାଗି ଆସିବେ ନାହିଁ । ମଣ୍ଡପରେ ସାଧାରଣ ଲୋକଙ୍କୁ ବାରଣ ଲାଗି ପୁଲି ଉପସ୍ଥିତି ରହିବେ । ଚଳିତ ବର୍ଷ ସମସ୍ତ ଥାନା ଅଧିକାରୀ ସେମାନଙ୍କ ଅଧୀନରେ ରହିଥିବା ପୂଜାମଣ୍ଡପକୁ ପରିଦର୍ଶନ କରିବେ । ତେବେ ମଣ୍ଡପରେ ସମସ୍ତ ତଥ୍ୟ କମିସନରେଟ୍ ପୁଲିସକୁ ଦେବେ ପୂଜା କମିଟି । ସେହିପରି ଅଷ୍ଟମୀ ପୂଜା ଦିନ ମଧ୍ୟ କୌଣସି ମହିଳା କିମ୍ବା ବ୍ୟକ୍ତିବିଶେଷଙ୍କୁ ମଣ୍ଡପକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ । ପୂଜା ସାମଗ୍ରୀ ମଧ୍ୟ ଗ୍ରହଣ କରାଯିବ ନାହିଁ । ପୂଜା କମିଟି ଅନ୍ତର୍ଗତ ବାସିନ୍ଦାଙ୍କ ପାଖରେ କିପରି ଅଷ୍ଟମୀ ଭୋଗ ପହଞ୍ଚିବ ତାହା ପୂଜା କମିଟିର କର୍ମକର୍ତ୍ତା ବୁଝିବେ ବୋଲି କୁହାଯାଇଥିଲା ।


ଅନ୍ୟପକ୍ଷରେ ପୂଜା ପରମ୍ପରା ଅନୁଯାୟୀ ଦେବୀଗଡାରେ ବିସର୍ଜନ କରାଯିବା ନେଇ ନିବେଦନ କରିଛନ୍ତି ପୂଜା କମିଟିର ସଦସ୍ୟ । ଦୁଇ ଦିନରେ ଭସାଣି କାର୍ଯ୍ୟକ୍ରମ କରିବାକୁ ଆଲୋଚନା କରାଯାଇଛି । ନିର୍ଦ୍ଦିଷ୍ଟ ସମୟ ଓ ପାରମ୍ପରିକ ଘଣ୍ଟ ବାଦ୍ୟରେ ବିସର୍ଜନ କାର୍ଯ୍ୟକ୍ରମ କରାଯିବ ବୋଲି ପରାମର୍ଶ ଦିଆଯାଇଛି । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଥାନା ଅଧିକାରୀଙ୍କ ବୈଠକରେ ବିସର୍ଜନ କାର୍ଯ୍ୟକ୍ରମ ଉପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୁଚନା ମିଳିଛି । ବୈଠକରେ ଡିସିପି ପ୍ରଦୀକ ସିଂହଙ୍କ ସମେତ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ରଂଜନ ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ ଓ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ବୈଠକରେ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମିସ୍ତ୍ରୀ ମାଲିକ ଝିଅକୁ ନେଇ ଛୁ




**ଗଞ୍ଜାମ(ସଂପର୍କବାର୍ତ୍ତା)-** ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଅଞ୍ଚଳରେ ଘଟିଛି ଏକ ଚର୍ଚ୍ଚିତ ଘଟଣା । ଉଚ୍ଚ ଶିକ୍ଷିତ ଝିଅ । ବିଇଡି ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେଉଥିଲା । କିଛି କାଗଜପତ୍ର ଜେରକ୍ସ କରିବା ପାଇଁ ମା'ଙ୍କୁ କହି ପାଖ ବଜାରକୁ ଯାଇଥିଲା ଝିଅ । ହେଲେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଝିଅ ଆଉ ଘରକୁ ଫେରିଲା ନାହିଁ । ବ୍ୟସ୍ତ ହୋଇପଡିଲେ ପରିବାର ଲୋକେ । ଶେଷରେ ଘର ଲୋକେ ନିଶ୍ଚିତ ହେଲେ ଝିଅ ନିଖୋଜ ହୋଇଛି । ଥାନାରେ ନିଖୋଜ ସଂପର୍କରେ ଏତଲା ଦେଲେ । ଦୁଇଦିନ ପରେ ପରିବାର ଲୋକେ ଜାଣିବାକୁ ପାଇଲେ କିଛି ଯୁବକ ମୋଟର ସାଇକେଲରେ ଆସି ଝିଅକୁ ଅପହରଣ କରିଛନ୍ତି । ପୁଣି ଥାନାରେ ଲିଖିତ ଅଭିଯୋଗ କଲେ ଝିଅକୁ ଅପହରଣ କରାଯାଇଛି । ତା'ପରଦିନ ପରିବାର ଲୋକେ ନିଶ୍ଚିତ ହେଲେ ଏହି ଅପହରଣ ଘଟଣା ଘଟାଇଛି ନିଜ ଘରକାମ କରିବାକୁ ଆସୁଥିବା ମିସ୍ତ୍ରୀ ଜଣକ । ଗଞ୍ଜାମ ଜିଲ୍ଲାର ଗାଙ୍ଗପୁର ଥାନା ଅନ୍ତର୍ଗତ କବିରାଜପୁର ଗାଁରେ ଘଟିଥିଲା ଏଭଳି ଏକ ଘଟଣା । ଘଟଣାର ରହସ୍ୟକୁ ଭେଦକରିବା ପାଇଁ ପୋଲିସ୍‌କୁ ନାକେଦମ୍ ହେବାକୁ ପଡିଥିଲା । ଅପହୃତ ଝିଅକୁ ଉଦ୍ଧାର ସହ ଅପହରଣକାରୀକୁ ଧରିବା ପୋଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହେଲା । ଘଟଣାର କିଛିଦିନ ପରେ ଏକ ଭିଡିଓ ଭାଇରାଲ୍ ହେଲା । ନିଜେ ଝିଅ, ପୁଅ ସହିତ ରହି ବାର୍ତ୍ତାରେ କହିଥିଲା ମୋ ନିଜ ଇଚ୍ଛାରେ ପୁଅ ସହିତ ଆସିଛି । ସଂପୃକ୍ତ ଯୁବକ ସହିତ ସବୁଦିନେ ରହିବି । ପରିବାର ଲୋକେ ଥାନାରେ କରିଥିବା ମାମଲା ଉଠାଇ ନିଅନ୍ତୁ ତା' ନ ହେଲେ ସେ ଆତ୍ମହତ୍ୟା କରିବେ । ଏହାପରେ ଘଟଣା ପଛରେ ରହସ୍ୟ ଆଉ ଅଛପା ରହିଲା ନାହିଁ । ନିଖୋଜ ଓ ଅପହରଣ ଅଭିଯୋଗରେ ମୂଳରେ ସଂପୃକ୍ତ ଯୁବକ ବିଷୟରେ ସ୍ପଷ୍ଟ ହୋଇଯାଇଥିଲା । ଘରକାମ କରିବାକୁ ଆସୁଥିବା ମିସ୍ତ୍ରୀ ଜଣକ ଏମିତି ଘଟଣା ଘଟାଇଛି ଜାଣିବାପରେ ଭାଙ୍ଗି ପଡିଥିଲେ ପରିବାର ଲୋକେ । ଘଟଣା ପରେ ଗାଙ୍ଗପରୁ ଥାନା ପୋଲିସ୍ ବିଭିନ୍ନ ସ୍ଥାନରେ ଚଢାଉ କରି ସଂପୃକ୍ତ ଯୁବକ ଓ ଯୁବତୀକୁ ଧରି ଥାନାକୁ ଆଣିଥିଲା । ସେତବେଳକୁ ଉଭୟେ କୋର୍ଟରେ ବିବାହ କରିଥିବା ପ୍ରମାଣ ଦେଖାଇଲେ । ପୋଲିସ୍ ବି ନାଚାର, ଯେହେତୁ ସେମାନେ ସାବାଳକ ଏବଂ ଆଇନତଃ ନିଜ ଅଧିକାର ଓ ନିଷ୍ପତ୍ତି ବିଷୟରେ ଜଣାଇଥିଲେ ।

# କଟକ କ୍ଲବ୍‌ର ସଭାପତି ସଂଯୁକ୍ତା ମହାପାତ୍ର



**କଟକ(ସଂପର୍କବାର୍ତ୍ତା):-** କଟକ କ୍ଲବର ୧୫୬ ବର୍ଷର ଇତିହାସ ଭାଙ୍ଗିଛି । ପ୍ରଥମଥର ପାଇଁ ମହିଳା ଭାବେ ଡ. ସଂଯୁକ୍ତା ମହାପାତ୍ର କ୍ଲବର ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି । ସେ ନିଜର ୨ ଜଣ ପୁରୁଷ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ବିଜୟୀ ହୋଇଥିଲେ । କରୋନା ଯୋଗୁଁ ପ୍ରାୟ ୨ ବର୍ଷ ପରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୧୧ଟା ୩୦ ମିନିଟରୁ କ୍ଲବର ୩ଟି ବୁଥର ମତଦାନ ପ୍ରକ୍ରିୟା ହୋଇଥିଲା । ପ୍ରାୟ ୮୪୦ ଜଣ ଭୋଟ ଦେଇଥିଲେ । ଅପରାହ୍ନରେ ଭୋଟ ଗଣତି ହୋଇଥିଲା । ଏଥିରେ ଡ. ମହାପାତ୍ର ପ୍ରାୟ ୪୪୪ ଟି ଭୋଟ ପାଇ ବିଜୟୀ ହୋଇଥିଲେ । ସେହିପରି ଉପ-ସଭାପତି ଭାବେ ଡା. ଜନ୍ମେଜୟ ମହାପାତ୍ର, ସମ୍ପାଦକ ଭାବେ ସାତ୍ୟୋକି ଘୋଷ, ସହସମ୍ପାଦକ ଭାବେ ସତ୍ୟମୋହନ ରଥ, କୋଷାଧ୍ୟକ୍ଷ ଭାବେ କମଲ ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅବଦୁଲ ରାହୁଫ ସଲାତ, ଆଲୋକ ପଟସିଆ, ଗିରିଶ କୁମାର ମୋଦି, ଗୋପାଳ ଅଗ୍ରୱାଲ, ରଘୁନାଥ ଭୂତ, ରାଜନାଥ ରାୟ, ସମ୍ବିତ ଦାଶ, ଶ୍ୟାମଳ ଅଗ୍ରୱାଲ, ବିଜୟ ସ୍ୱାଇଁ ନିର୍ବାଚିତ ହୋଇଥିବା ସୂଚନା ମିଳିଛି । ଡା. ନିଶିକାନ୍ତ କର ନିର୍ବାଚନ ଫଳ ଘୋଷଣା କରିଥିଲେ । ପୂର୍ବତନ ସଭାପତି ଭରତେନ୍ଦୁ ପରିଜା, ସମ୍ପାଦକ ଡା. ଦେବାନନ୍ଦ ମହାପାତ୍ର ଓ ସମସ୍ତ କର୍ମକର୍ତ୍ତା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ସୂଚନାଯୋଗ୍ୟ ଯେ, ଶ୍ରୀମି ମହାପାତ୍ର ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଥିଲେ । ଏହି କ୍ଲବ ଇଂରେଜ ଶାସକଙ୍କ ଦ୍ୱାରା ୧୮୬୫ ମସିହାରେ ପ୍ରତିଷ୍ଠା ହୋଇଥିଲା ।

# ଜଗତସିଂହପୁରରେ ରାଜ୍ୟ ମହିଳା ଆୟୋଗର କ୍ୟାମ୍ପ କୋର୍ଟ




**ଜଗତସିଂହପୁର:** ସ୍ଥାନୀୟ ଆଦିକବି ସାରଳାଦାସ ସଂସ୍କୃତି ଭବନ ପରିସରରେ ଓଡିଶା ରାଜ୍ୟ ମହିଳା ଆୟୋଗର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପ କୋର୍ଟରେ ଯୋଗଦେଇ ଓଡିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଡଃ.ମିନତି ବେହେରା କହିଲେ ମହିଳା ମାନେ କିଭଳି ସମାଜରେ ଆତ୍ମସମ୍ମାନର ନିଜର ଅଧିକାରକୁ ଅକ୍ଷୁର୍ଣ୍ଣ ରଖି ଜୀବନ ନିର୍ବାହ କରିବେ । ସେଥିପାଇଁ ମହିଳା କମିଶନ ସର୍ବଦା ଜାଗ୍ରତ ରହିଛୀ । ଗୋଟିଏ ସୁନ୍ଦର ସମାଜ ଗଠନ କରିବାକୁ ହେଲେ ପୁରୁଷ ଓ ନାରୀ ମଧ୍ୟରେ ସମାହିତ ଭାବ ସୃଷ୍ଟିହେବା ଦରକାର । ମହିଳା ମାନଙ୍କର ଅଧିକାର ଉଲଂଘନ ହେଲେ ମହିଳା ଆୟୋଗରେ ।ଭିଯୋଗ କରିପାରିବେ । କେତେକ କେଶ ମଧ୍ୟ ମହିଳା କମିଶନ୍ ରେ ସମାଧାନ ହୋଇଥାଏ । ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ବିଧିବ୍ୟବସ୍ଥା ଓ କର୍ମକ୍ଷେତ୍ରରେ ନିର୍ଯ୍ୟାତନ, ଆତ୍ମ ସମ୍ମାନରେ ବାଧା ଆସିଲେ ସେମାନେ ମହିଳା କମିଶନରେ ଆବେଦନ କରିପାରିବେ । ଏହି ଶିବିରରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ କହିଲେ ଗୋଟିଏ ସୁସ୍ଥ ସମାଜର ନାରୀ ଆଉ ପୁରୁଷ ଦୁଇଟି ଅଭିନ୍ନ ଅଙ୍ଗ । ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ।ଆଜି ଏହ କ୍ୟାମ୍ପ କୋର୍ଟରେ ୫୪ଟି କେଶ ପଂଜିକୃତ ହୋଇଥିଲା । ସେଥିମଧ୍ୟରୁ ୩୩ଟି ପକ୍ଷ ଉପସ୍ଥିତ ଥିଲେ । ୧୬ଜଣ ଉଭୟ ପକ୍ଷ, ୧୦ଜଣ ଅଭିଯୋଗକାରୀ ଓ ୭ଜଣ ବିପକ୍ଷ ପାର୍ଟି ଉପସ୍ଥିତ ଥିଲେ । ଏହି କ୍ୟାମ୍ପ କୋର୍ଟରେ ୮ଟି କେଶ ଶାନ୍ତପୂର୍ଣ୍ଣ ଭାବେ ଆପୋଷ ବୁଝାମଣା ହୋଇ ସମାଧାନ ହୋଇଥିଲା । ୪ଟି କେଶ ଆରକ୍ଷୀ ଅଧିକ୍ଷକଙ୍କ ବିଚାର ନିମନ୍ତେ ପ୍ରେରଣା କରାଯାଇଛି । ୨ଟି କେଶ ପ୍ରୋଟେକସନ୍ ଅଧିକାରୀଙ୍କୁ ବିଚାର ନିମନ୍ତେ ପଠାଯାଇଛି । ୧୯ପକ୍ଷଙ୍କୁ ପୁନର୍ବାର ଉପସ୍ଥିତ ହେବା ପାଇଁ ନୋଟିସ୍ କରାଯାଇଛି । ଏହି କ୍ୟାମ୍ପ କୋର୍ଟରେ ରାଜ୍ୟ ମହିଳା ଆୟୋଗର ସଦସ୍ୟା ସ୍ନେହାଞ୍ଜଳୀ ମହାନ୍ତି, ସଦସ୍ୟା ଜାଲିନା ପ୍ରିୟଦର୍ଶିନୀ,କାଉନସେଲର ବନ୍ଦନା ମହାନ୍ତି,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱର୍ଣ୍ଣମଞ୍ଜରୀ ନାୟକ, ଉପ-ଆରକ୍ଷୀ ଅଦ୍ୟକ୍ଷକ ହେଡକ୍ୱାଟର ପ୍ରମୁଖ ଉପସ୍ଥିତ ଥିଲେ । ଏହି କ୍ୟାମ୍ପ କୋର୍ଟରେ ଉଭୟପକ୍ଷ ଅଭିଯୋଗକାରୀ, ବିଭାଗୀୟ ଅଧିକାରୀ, ମାନେ ଉପସ୍ଥିତ ଥିଲେ ।

# କଟକ:ରାସନ କାର୍ଡଧାରୀଙ୍କୁ ଡିଲରଙ୍କ ଅସହଯୋଗ

**ବାଦାମବାଡି(ସଂପର୍କବାର୍ତ୍ତା):-** ପଡିକାର୍ଡଧାରୀଙ୍କୁ ଖୁଚୁରା ବିକ୍ରେତାଙ୍କ ଅସହଯୋଗ ଏବଂ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ ହରକତରୁ ରକ୍ଷା କରିବା ପାଇଁ ପ୍ରଚଳନ କରାଯାଇଛି । ଏକ ଦେଶ ଏକ କାର୍ଡ ବ୍ୟବସ୍ଥା ପଡିକାର୍ଡଧାରୀଙ୍କ ମନ ମୁତାବକ ଖୁଚୁରା ବିକ୍ରୟ କେନ୍ଦ୍ର ଚୟନ କରି ସାମଗ୍ରୀ ପରିବାର ସୁବିଧା ନିମନ୍ତେ କେନ୍ଦ୍ର ସରକାର ଏହି

## 'ଏକ ଦେଶ ଏକ କାର୍ଡ'

ବ୍ୟବସ୍ଥା କରିଛନ୍ତି । କେତେକ ରାଜ୍ୟ ଏହାକୁ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ପଶ୍ଚିମବଙ୍ଗର ଜନୈକ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ସୁପ୍ରିକୋର୍ଟ ମାମଲାର ବିଚାର କରି ଜୁଲାଇ ୩୧ ତାରିଖ ମଧ୍ୟରେ ସାରା ଦେଶରେ କଡାକଡି ଭାବେ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଓଡିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ବ୍ୟବସ୍ଥା ଉଦ୍‌ଘାଟିତ ହୋଇ ଲାଗୁ କରାଯାଇଥିଲା ସେ ସମୟରେ ଏହାକୁ ନେଇ କେତେକ ଖୁଚୁରା ବିକ୍ରେତାଙ୍କ ଦୌରାତ୍ମ୍ୟର ଶିକାର ହେଉଥିବା ଅଥବା ନିକଟସ୍ଥ ଖୁଚୁରା ବିକ୍ରୟ କେନ୍ଦ୍ର ନିକଟରୁ ସାମଗ୍ର ପାଇବା ପାଇଁ ଚାହୁଁଥିବା ପଡିକାର୍ଡଧାରୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ଏହି ବ୍ୟବସ୍ଥା ଫଳରେ କେତେକ ଖୁଚୁରା ବିକ୍ରେତା (ଡିଲର) ବିଭିନ୍ନ ଆଳରେ ଯୋଗାଣ ବିଭାଗର ଅସାଧୁ ଅଫିସରଙ୍କ ସହଯୋଗରେ ପଡିକାର୍ଡଧାରୀଙ୍କୁ ଶୋଷଣ କରୁଥିବା ନେଇ ଖାଉଟିଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଥିଲା । ମାତ୍ର କଟକ ଜିଲ୍ଲା ଯୋଗାଣ ବିଭାଗରେ ଥିବା ସର୍ବଖିଆ ପଦାଧିକାରୀ ସବୁ ଖାଇ ଲୁଟୁଥିବା ଅଭିଯୋଗ ହୋଇଛି । କଟକ ମହାନଗର ନିଗମ ଅଞ୍ଚଳରେ ଥିବା ଖୁଚୁରା ବିକ୍ରେତାମାନଙ୍କୁ ଡାକି କେବଳ ତାଙ୍କ ନିକଟରେ ସଂଯୋଗ ହୋଇଥିବା ପଡିକାର୍ଡଧାରୀଙ୍କ ବ୍ୟତୀତ




ଅନ୍ୟକୌଣସି ପଡି କାର୍ଡଧାରୀଙ୍କୁ ସାମଗ୍ରୀ ବଣ୍ଟନ କରିବେ ନାହିଁ, ଯଦି ଏପରି କରିବେ ତା' ହେଲେ ତାଙ୍କର ନିର୍ଦ୍ଧାରିତ କୋଟାଠାରୁ ଅଧିକ କୋଟା ଦିଆଯାଇପାରିବ ନାହିଁ । ଫଳରେ ଏହି ପଡିକାର୍ଡ କଟକ ମହାନଗର ନିଗମ ଅଞ୍ଚଳରେ ବାଟବଣା ହୋଇଥିବା ବାରମ୍ବାର ଅଭିଯୋଗ ଉଠିଛି ।

ଏବେ କଟକ ମହାନଗର ନିଗମ ଅଞ୍ଚଳର ହଜାର ହଜାର ପଡିକାର୍ଡଧାରୀ ନିଜର ଖୁଚୁରା ବିକ୍ରୟ କେନ୍ଦ୍ର ପରିବର୍ତ୍ତନ କରି ଅନ୍ୟ ଖୁଚୁରା ବିକ୍ରୟ କେନ୍ଦ୍ର ନିକଟକୁ ଗଲେ ମଧ୍ୟ ଖୁଚୁରା ବିକ୍ରେତାମାନେ ଏହି କରିତ୍‌କର୍ମୀ ଅଧିକାରୀଙ୍କ ନାଲିଆଖି ଡରରେ ପଡିକାର୍ଡଧାରୀଙ୍କୁ ବିଭିନ୍ନ ଆଳ ଦେଖାଇ ସାମଗ୍ରୀ ନ ଦେଇ ଫେରାଇ ଦେଉଛନ୍ତି । ଏ ସମ୍ପର୍କରେ କଟକ ମହାନଗର ନିଗମର କେତେକ ଖୁଚୁରା ବିକ୍ରେତାଙ୍କୁ ପଚରାଯିବାରୁ ସେମାନେ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଆମେ ଏକଦେଶ ଏକ ପଡିକାର୍ଡ ନିୟମାନୁସାରେ ପ୍ରତ୍ୟେକ ପଡିକାର୍ଡଧାରୀଙ୍କୁ ସାମଗ୍ରୀ ବଣ୍ଟନ କରିବାକୁ ପ୍ରସ୍ତୁତ ଅଛୁ । ମାତ୍ର ଯୋଗାଣ ବିଭାଗର ଅସହଯୋଗ ଏବଂ ଅସାଧୁ ଖୁଚୁରା ବିକ୍ରେତାଙ୍କ ସହ ସଲାସୁତୁରା କରିଥିବା କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଯୋଗୁଁ ସାମଗ୍ରୀ ଦିଆଯାଇପାରୁନାହିଁ । କାରଣ ନିୟମ ରହିଛି ଗୋଟିଏ ଖୁଚୁରା ବିକ୍ରୟ କେନ୍ଦ୍ରରେ ସର୍ବନିମ୍ନ ୩୦ କ୍ୱିଣ୍ଟାଲ ସାମଗ୍ରୀ ସଂଯୋଗ ରହିବ ତା'ଠାରୁ କମ୍ ହେଲେ ଖୁଚୁରା ବିକ୍ରେତାଙ୍କ ଲାଇସେନ୍ସ ସର୍ବନିମ୍ନ ୩୦ କ୍ୱିଣ୍ଟାଲ ସାମଗ୍ରୀ ସଂଯୋଗ ରହିବ ତା'ଠାରୁ କମ୍ ହେଲେ ଖୁଚୁରା ବିକ୍ରେତାଙ୍କ ଲାଇସେନ୍ସ ଆପେ ଆପେ ରଦ୍ଦ ହୋଇଯିବ । ତେଣୁ ସବୁ ଖୁଚୁରା ବିକ୍ରେତାମାନେ ଏବେ ଏହି ଅସାଧୁ ଅଫିସରଙ୍କ ଶରଣାଗତ ହୋଇଥିବା ଖବର ମିଳିଛି । ଏଠାରେ ପ୍ରଶ୍ନ ଉଠେ ଯେ ଯଦି ପଡିକାର୍ଡଧାରୀ ନିଜର ମନ ମୁତାବକ ଖୁଚୁରା ବିକ୍ରୟ କେନ୍ଦ୍ରରେ ସାମଗ୍ରୀ ପାଇପାରିବେ ନାହିଁ ତେବେ ଏହି ବ୍ୟବସ୍ଥା କାହା ପାଇଁ ବୋଲି ପଡିକାର୍ଡଧାରୀମାନେ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ମହତ୍ ଉଦ୍ଦେଶ୍ୟ ଏବଂ ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରୁଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ଜଗତସିଂହପୁରର ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ସଦରମହକୁମା ଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ସମାରୋହ-୨୦୨୧ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି, ସମ୍ମାନୀୟ ଅତିଥିଭାବେ ସାଂସଦ ଡଃ.ରାଜଶ୍ରୀ ମଲ୍ଲିକ,ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ,ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ସାହୁ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଯୋଗଦେଇ ଜାତିର ପିତା ମହାତ୍ମାଗାନ୍ଧୀଙ୍କର ଅହିଂସା ଏବଂ ସତ୍ୟର ଜୀବନାଦର୍ଶ ଉପରେ ଆଲୋଚନା କରି କହିଥିଲେ ଗାନ୍ଧିଜୀଙ୍କ ବିଶ୍ୱାସରେ ସତ୍ୟ ଏବଂ ବିଶ୍ୱାସ ଶାନ୍ତିର ଆଧାର। ତେବେ ଏହି ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ତାରିଖକୁ ମଧ୍ୟ ଆନ୍ତର୍ଜାତିକ ସ୍ତରରେ ଅହିଂସା ଦିବସ ଭାବେ ପାଳିତହୁଏ। ତେବେ ଗାନ୍ଧୀଙ୍କ ପ୍ରତି ବିଶ୍ୱବାସୀଙ୍କରେ ଏହାହିଁ ପ୍ରକୃତ ଭକ୍ତି ଓ ଶ୍ରଦ୍ଧାର ଉପହାର ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମଜୟନ୍ତୀ ମମଧ ପାଳନ କରାଯାଇଥିଲା। ଏହି ଦୁଇ ଭାରତୀୟ ମହାମ୍ପ୍ରତିଭା ସଂପର୍କରେ ଆଲୋକପାତ




କରି ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣକରିଥିଲେ। ଏହି ଅବସରରେ ଜଗତସିଂହପୁର ଥାନା ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଗାନ୍ଧୀଛକରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମ୍ୟାଲ୍ୟାର୍ପଣ କରିଥିଲେ।ପରେ ଗାନ୍ଧୀଛକର ଏକ ସାଂସ୍କୃତିକ ଶୋଭାଯାତ୍ର ସହରପ୍ରିମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସମ୍ମୁଖରେ ପହଞ୍ଚିଥିଲା। ପରେ ଜଗତସିଂହପୁର ପୌରାଞ୍ଚଳର ଚାତ୍ରା ଅଳକା ଆଶ୍ରମର ଭୂମିପୂଜନ,ଏସଭିଏମ କଲେଜ ପଛପଟେ ଇଣ୍ଡୋର ଷ୍ଟାଡିୟମ ମଲ୍ଟିପ୍ରପୋଜ ଗୃହର ଶୁଭ ଉଦ୍‌ଘାଟନ,ବକ୍ସ କଲଭଟର ପୋଲର ଶୁଭ ଉଦ୍‌ଘାଟନ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଠାରେ ଜଳ ଜୀବନ ମିଶନର ୩ଟି ରଥ ଶୁଭ ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀରଂଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଡକ୍ଟର ଅଶୋକ କୁମାର କର୍ଣ୍ଣ,ଜିଲ୍ଲାମୁଖ୍ୟଚିକିତ୍ସା ଅଧିକାରୀ ଡକ୍ଟର ବିଜୟା ପଣ୍ଡା,ଜଗତସିଂହପୁର ତହସିଲ ଦାର,ଜାତୀୟ ସ୍ୱାସ୍ଥ୍ୟ ମିଶନର ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ,ବିଜେଡି ନଗର ସଭାପତି ପ୍ରିୟବ୍ରତ ମହାପାତ୍ର,ଆଇନଜୀବୀ ଦୋଳଗୋବିନ୍ଦ ଦାଶ,ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ,ପୂର୍ବତନ ନଗରପାଳ ମଧୁସୁଦନ ସାହୁ,ଅଧ୍ୟପକ ଭଗବାନ ଦାଶ,ଜିଲ୍ଲା ଆଇଟି ସଂଯୋଜକ ରତିରଂଜନ ବେହେରା,ବଳକ ଯୁବବିଜେଡି ସଭାପତି ସମ୍ପିତ ମହାନ୍ତି,ଆତ୍ମା ଅଧ୍ୟକ୍ଷ ବାବୁଲି ସାହୁ, ପ୍ରମୁଖ ଯୋଗ ଦେଇଥିଲେ।

## ବିସ୍କୁଟ୍‌ରେ ବାହାରୁଛି କୁକୁର ଦାନ୍ତ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିସ୍କୁଟ୍‌ରୁ ବାହାରୁଛି କୁକୁର ଦାନ୍ତ। ଏ କଥା ଶୁଣିବା ମାତ୍ରେ ଲାଗୁଥିବ ଆଶ୍ଚର୍ଯ୍ୟ। ଶନିବାର ସକାଳେ ଗାନ୍ଧିଛକ ବଜାରସ୍ଥିତ ଏକ ଚା ଦୋକାନକୁ ବିସ୍କୁଟ୍ ପ୍ୟାକେଟ୍ କିଣି ଖାଇବାକୁ ଯାଇଥିଲେ ବୃଦ୍ଧ ଜଣକ। ବିସ୍କୁଟ୍ ଭାଙ୍ଗିବାରୁ ତା ଭିତରୁ ଦାନ୍ତ ଆକାରରେ ଏକ ଜିନିଷ ବାହାରିଥିଲା। ତାହା କୁକୁର ଦାନ୍ତ ଭଳି ଦେଖାଯାଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ଏ ବିସ୍କୁଟ ପଶ୍ଚିମବଙ୍ଗର ଏକ କମ୍ପାନୀର ଅଟେ। ଦାନ୍ତ ବାହାରିଲା ପରେ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ଏହାସହ ବିସ୍କୁଟ ତିଆରି କମ୍ପାନୀର ମନମାନୀ ଏବଂ ସଚେତନତା ଉପରେ ପ୍ରଶ୍ନ ଉଠୁଛି। ଏହି ସଂସ୍ଥାର କ'ଣ ସରକାରୀ ସ୍ୱୀକୃତି ରହିଛି ନା ନାହିଁ ସେ ନେଇ ତଦନ୍ତ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ଘଟଣାଟି ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା କୁଣ୍ଡୁରୀ ସାହି ଗ୍ରାମର ଶ୍ରୀକାନ୍ତ ସାହୁଙ୍କ ବିସ୍କୁଟ ଖାଇବା ଘଟଣାକୁ ନେଇ। ଘଟଣାଟି ଘଟିଛି ଗତ ଶନିବାର ୨ ତାରିଖ ଦିନ।

## ସିଏମ୍‌ସି ପ୍ରଶାସକ ଓ ସିଡିଏର ଅଧ୍ୟକ୍ଷ ଅନୀଲ ସାମଲ

**କଟକ(ସଂପର୍କବାର୍ତ୍ତା):-** କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନୀଲ କୁମାର ସାମଲ ଆଜି ଅବସର ଗ୍ରହଣ କରିଛନ୍ତି । ଅବସର ପରେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ନୂଆ ନିଯୁକ୍ତି ପ୍ରଦାନ କରାଯାଇଛି । ସେ ଏବେ କଟକ ମହାନଗର ନିଗମ (ସିଏମସି) ପ୍ରଶାସକ ସହ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ । ଆସନ୍ତାକାଲି ସେ ଉଭୟ ପଦବୀର ଦାୟିତ୍ୱ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । କଟକ ସହରରେ ସିଏମସି ଏବଂ ସିଡିଏ ପକ୍ଷରୁ ହେଉଥିବା ବିଭିନ୍ନ ଯୋଜନାଗୁଡିକର ସୁଫଳ ଜନସାଧାରଣ ଯେଭଳି ପାଇପାରିବେ ସେଥିପାଇଁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସାମଲ କହିଛନ୍ତି । ଏଥିସହ ନେତାଜୀ ବସ ଟର୍ମିନାଲ, ତାଳଦଣ୍ଡା କେନାଲର ଉନ୍ନୟନ କାର୍ଯ୍ୟ, ବର୍ଫ ପ୍ରକଳ୍ପ ଏବଂ ଏସସିବି ମେଡିକାଲର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନେଇ ଦୃଷ୍ଟି ଦିଆଯିବ । କଟକ ସହରରେ ବିଭିନ୍ନ ସ୍ଥାନରେ ଲୋକମାନେ ରାସ୍ତା ଉଭୟ ପାର୍ଶ୍ୱକୁ ଜବରଦଖଲ କରିଛନ୍ତି । ଯାହାଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ସେଗୁଡିକ ଜବରଦଖଲ ମୁକ୍ତ କରିବା ଉପରେ ଗୁରୁତ୍ୱ ଦେବି ବୋଲି ଶ୍ରୀ ସାମଲ କହିଥିଲେ । ସିଡିଏ ପକ୍ଷରୁ ସେଭଳି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ । ସିଡିଏ ଅଧୀନରେ ଥିବା ବହୁ ବିଲ୍ଡିଂ ଏବେ ଭୂତକୋଠି ପାଲଟିଛି । ତାହାକୁ କିଭଳି ପୁନଃଉଦ୍ଧାର ଏବଂ ମରାମତି କରାଯିବ ସେ ନେଇ ମଧ୍ୟ ଧ୍ୟାନ ଦିଆଯିବ ବୋଲି ଶ୍ରୀ ସାମଲ ମତ ଦେଇଥିଲେ । ସୂଚନା ଥାଉକି, ଶ୍ରୀ ସାମଲ ପୂର୍ବରୁ ଆରଡିସି ବ୍ୟତୀତ ଆଇଜିଆର, ଅତିରିକ୍ତ ପରିବହନ କମିଶନର, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ସମେତ ବିଭିନ୍ନ ପ୍ରଶାସନିକ ପଦବୀରେ ରହି ସଫଳତାର ସହ କାର୍ଯ୍ୟ କରିଛନ୍ତି ।

## ପ୍ରାଧ୍ୟାପିକା ଖୁଲଣା ସୁନ୍ଦରୀ ଦେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଜଗତସିଂହପୁର:** ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷାବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଖୁଲଣା ସୁନ୍ଦରୀ ଦେଇଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ମହାବିଦ୍ୟାଳୟ ତରଫରୁ ପ୍ରଦାନ କରାଯାଇଛି। ପ୍ରାଧ୍ୟପିକା ଶ୍ରୀମତୀ ଖୁଲଣା ଦେଇ ୩୦.୮.୧୯୮୬ମସିହାରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଏରସମା କୋଠି ରୁ ଅଧ୍ୟାପନା ବୃତ୍ତି ଆରମ୍ଭ କରିଥିଲେ ଓ ୨୪.୬.୨୦୦୩ରୁ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟରେ ଯୋଗଦାନ କରିବା ସହିତ ବିଭିନ୍ନ ଦାୟୀତ୍ୱ ସୁରୁରୁ ରୂପେ ଓ ସଫଳ ଭାବେ ସମାହିତ କରି ଅବସର ଗ୍ରହଣ କରିଛନ୍ତି। ଦିର୍ଘ ୩୫ବର୍ଷ ୧ମାସ ଅଧ୍ୟାପନା ଜୀବନରେ ସେ ଜଣେ ଛାତ୍ର ବତ୍ସଳ, ସରଳ, ମେଳାପି, ଅମାୟିକ ବନ୍ଧୁପ୍ରେମୀ ତଥା ଜଣେ ଦକ୍ଷ ଅଧ୍ୟାପିକା ଭାବରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏଜୁକେଶନ ମାଡାମ ଭାବରେ ବେଶ ଆଦୃତ ଥିଲେ। ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଶାସନିକ ମୁଖ୍ୟ ନିତାଇଚରଣ ତ୍ରିପାଠୀ,ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଅଧ୍ୟାପକ ବିଜୟ ବିଶ୍ୱାଳ, ଷ୍ଟାଫ୍ ଆଶୋସିଏସନ ସଭାପତି ନୃସିଂହ ଚରଣ ସାମନ୍ତରାୟ, କର୍ମଚାରୀ ସଂଘର ସଭାପତି ପ୍ରଭାତ କୁମାର ପ୍ରମୁଖଙ୍କ ସହିତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।ପ୍ରାଧ୍ୟାପିକା ଖୁଲଣା ସୁନ୍ଦରୀ ଦେଇଙ୍କ ବୃତ୍ତିନିବୃତ୍ତି କଲେଜ ପାଇଁ ଏକ ଅପୁରଣୀୟ ଶୂନ୍ୟସ୍ଥାନ ବୋଲି ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ବିଶ୍ୱାଳ ଓ କର୍ମଚାରୀ ମାନେମତବ୍ୟକ୍ତ କରିଛନ୍ତି।

## ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳୀ




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ସରସ୍ୱତ ପରିଷଦ ପକ୍ଷରୁ ସାମ୍ବାଦିକ ଅରନ୍ଦମ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ସ୍ଥାନୀୟ ତରଡାପଡା ସ୍ଥିତ ଆଇଟିଆଇ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରସ୍ୱତ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁଶେଖର ଆଚାର୍ଯ୍ୟ ସ୍ୱର୍ଗତ ଅରିନ୍ଦମ ଦାସ ଜଣେ ଦକ୍ଷ,ସଚ୍ଚୋଟ ଓ ନିର୍ଭିକ ସାମ୍ବାଦିକ ଥିଲେ ବୋଲି କହିବା ସହ ତାଙ୍କ ଅକାଳ ବିୟୋଗ ରେ ଓଡିଶା ସାମ୍ବାଦିକ ଜଗତର ଏକ ଅପୁରଣୀୟ କ୍ଷତି ଘଟିଲା ବୋଲି କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସେହିପରି ଶ୍ୟାମପ୍ରସାଦ ସ୍ୱାଇଁ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଯେ ସ୍ୱର୍ଗତ ଅରିନ୍ଦମ ଦାସ ସାମ୍ବାଦିକତା ବୃତ୍ତିରେ ଥାଇ ଯେଉଁ ଉଦାହରଣ ସୃଷ୍ଟି କରିଗଲେ ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୈକତ ଅଲ୍ଲୀ,ପ୍ରକାଶ କୁମାର ଲେଙ୍କା, ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁସା, ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହ ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ। ଶେଷରେ ଆଇଟିଆଇର ନିର୍ଦ୍ଦେଶକ ରଶ୍ମୀ ରଂଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଆରମ୍ଭ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପଞ୍ଚାୟତରାଜ ଆଇନ୍‌ରେ ଆବଶ୍ୟକ ସଂଶୋଧନ କରିବା ପରେ ଓଡ଼ିଶା ସରକାର ତିନି ସ୍ତରୀୟ ପଞ୍ଚାୟତ ରାଜ ପ୍ରତିଷ୍ଠାନରେ ସିଟ୍ ସଂରକ୍ଷଣ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ବିଭାଗର ମୁଖ୍ୟ ସଚିବ ଏକେ. ମୀନା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ଅକ୍ଟୋବର ସୁଦ୍ଧା ସଂରକ୍ଷଣ ପ୍ରକ୍ରିୟା ଶେଷ କରିବାକୁ କହିଛନ୍ତି।

ଓଡ଼ିଶାରେ ନିର୍ବାଚିତ ଗ୍ରାମୀଣ ସଂସ୍ଥାଗୁଡିକର କାର୍ଯ୍ୟକାଳ ଫେବୃୟାରୀ ୨୦୨୨ରେ ଶେଷ ହେବ। ୱାର୍ଡ ସଦସ୍ୟ, ପଞ୍ଚାୟତ ସମିତି(ପିଏସ୍) ସଦସ୍ୟ, ଜିଲ୍ଲା ପରିଷଦ(ଜେପି) ସଦସ୍ୟଙ୍କ ପାଇଁ ଆସନ ସଂରକ୍ଷଣ ତଥା ସଂଶୋଧିତ ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪ ଅନୁଯାୟୀ ବ୍ୟବସ୍ଥା ଅନୁଯାୟୀ ସରପଞ୍ଚ, ପିଏସ୍ ଅଧ୍ୟକ୍ଷ ତଥା ଜେପି ସଭାପତିଙ୍କ କାର୍ଯ୍ୟାଳୟ ସଂରକ୍ଷଣ ପାଇଁ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଅଣ-ନିର୍ଦ୍ଧାରିତ ଅଞ୍ଚଳରେ, ଏସ୍‌ସି, ଏସ୍‌ଟି ଏବଂ ପଛୁଆ ବର୍ଗ ନାଗରିକ(ବିସିସିଆଇ) ସପକ୍ଷରେ ସିଟ୍ ସଂରକ୍ଷଣ ମୋଟ ସିଟ୍ ମଧ୍ୟରୁ ୫୦ ପ୍ରତିଶତ ରଖାଯିବ ଏବଂ



ବିସିସିଆଇ ପାଇଁ ସଂରକ୍ଷଣ, ଯାହା ଭିନ୍ନ ହୋଇପାରେ, ଭିତରେ ରଖାଯିବ। ନିର୍ଦ୍ଦେଶାବଳୀ ଅନୁଯାୟୀ ମୋଟ ସିଟ୍ ମଧ୍ୟରୁ ୨୭% ପର୍ଯ୍ୟନ୍ତ ବିସିସିଆଇ ବର୍ଗ ସପକ୍ଷରେ ସଂରକ୍ଷିତ ରହିବ। ଏବଂ ଯେତେବେଳେ ଆବଶ୍ୟକ ହୁଏ, ବିସିସି ପାଇଁ ସଂରକ୍ଷଣ ପରିମାଣ ଏତେ ପରିମାଣରେ ହ୍ରାସ ପାଇବେ ଏସସି, ଏସ୍‌ଟି ଏବଂ ବିସିସି ସପକ୍ଷରେ ସିଟ୍ ସଂରକ୍ଷଣ ସୀମିତ ରଖିବା ଆବଶ୍ୟକ ହେବ। ଏସ୍‌ସି ଏବଂ ଏସ୍‌ଟିକୁ ଦିଆଯାଇଥିବା ସଂରକ୍ଷଣକୁ ପ୍ରଭାବିତ ନ କରି ୫୦% ମଧ୍ୟରେ ଏକାଠି। ନିର୍ଦ୍ଧାରିତ ଅଞ୍ଚଳରେ ସିଟ୍ ସଂରକ୍ଷଣ ସଂପୃକ୍ତ ପଞ୍ଚାୟତରେ ସମ୍ପ୍ରଦାୟର ଜନସଂଖ୍ୟା ଅନୁପାତରେ ରହିବ। ସର୍ତ୍ତ ଅନୁଯାୟୀ ଅନୁସୂଚିତ ଜନଜାତି ସଂରକ୍ଷଣ ମୋଟ ଏସ୍‌ଟି ସଂଖ୍ୟା ୫୦% ରୁ କମ୍ ହେବ ନାହିଁ। ୨୦୧୧ ଜନଗଣନା ସଂପୃକ୍ତ ଜିପି / ବ୍ଲକ୍ / ଜିଲ୍ଲାର ଏସ୍‌ସି ଏବଂ ଏସ୍‌ଟି ଲୋକଙ୍କ ଜନସଂଖ୍ୟା ପ୍ରତିଶତ ନିଆଯିବ। ନିର୍ଦ୍ଦେଶାବଳୀ ଅନୁଯାୟୀ ଏସ୍‌ସି, ଏସ୍‌ଟି ଏବଂ ବିସିସି ବର୍ଗର ଆସନ ସଂରକ୍ଷଣ ପରେ, ୱାର୍ଡ/ଜିପି/ନିର୍ବାଚନ ମଣ୍ଡଳୀକୁ ଓଡ଼ିଆ ବର୍ଣ୍ଣମାଳା କ୍ରମରେ ପଞ୍ଚାୟତ ଆଇନରେ ଦିଆଯାଇଥିବା ପଦ୍ଧତିରେ ବ୍ୟବସ୍ଥା କରାଯିବା ପରେ ମହିଳାଙ୍କ ପାଇଁ ସଂରକ୍ଷଣ କରାଯିବ। ମହିଳାମାନେ ସମୁଦାୟ ଆସନ/କାର୍ଯ୍ୟାଳୟର ଅଧାରୁ କମ୍ ହେବ ନାହିଁ। ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାବେଳେ ପ୍ରଥମେ ଏସ୍‌ସି ପରେ ଏସ୍‌ଟି, ତୃତୀୟରେ ବିସିସିଆଇ ଏବଂ ଶେଷରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ।

## ଲିଡ୍ ବ୍ୟାଙ୍କ ସମ୍ମୁଖରେ ଶ୍ରମିକ ସଂଗଠନର ଧାରଣା




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ମିଳିତ ଶ୍ରମିକ ସଂଗଠନ ତରଫରୁ କୋଭିଡ୍ ସହାୟତା ରାଶି ବ୍ୟାଙ୍କ ଖାତାକୁ ନଯିବା ନେଇ ଆଜି ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କୋଭିଡ-୧୯ ସହାୟତା ଚାରି ମାସ ପୂର୍ବରୁ ଓଡିଶା ସରକାର ନିର୍ମାଣ ଶ୍ରମିକ ମାନଙ୍କୁ ୧୫ଶହ ଟଙ୍କା ପ୍ରଦାନ କରିଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲାରେ ୨୧ହଜାର ନିର୍ମାଣ ଶ୍ରମିକ ମାନଙ୍କର କରୋନା ସହାୟତା ବ୍ୟାଙ୍କ ଖାତାକୁ ଯାଇନାହିଁ। ସରକାର ଡି.ବି.ଟି କରିବା ପାଇଁ ଚିଠିମାଧ୍ୟମରେ ଲିଡ୍ ବ୍ୟାଙ୍କ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଲିଡ୍ ବ୍ୟାଙ୍କ ମ୍ୟାନେଜରଙ୍କ ଚିଠିକୁ ଜିଲ୍ଲାର ବିଭିନ୍ନ ବ୍ୟାଙ୍କ ଅବଜ୍ଞା କରିବା ସହ ଶ୍ରମିକ ମାନଙ୍କୁ ଅସହଯୋଗ ସହ କାର୍ଯ୍ୟକାରୀ କରୁନାହାଁନ୍ତି। ନିର୍ମାଣ ଶ୍ରମିକ ହିତାଧିକାରୀ ମାନେ ଜିଲ୍ଲାର ବିଭିନ୍ନ ବ୍ୟାଙ୍କକୁ ଦୌଡି ଦୌଡି ନିରାଶ ହେଲା ପରେ ବାଧହୋଇ ଆଜି ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଧାରଣାରେ ବସିଥିଲେ। ନିର୍ମାଣ ଶ୍ରମିକ ହିତାଧିକାରୀଙ୍କ ଦାବୀ ହେଉଛି ତୁରନ୍ତ ବିଭିନ୍ନ ବ୍ୟାଙ୍କ ଶାଖାକୁ ଡି.ବି.ଟି କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଶ୍ରମିକ ମାନେ ନାରାବାଜି କରିଥିଲେ। ଏହି ଧାରଣାରେ ସିଆଇଟିୟୁ ର ରାଜ୍ୟ ସଂପାଦକ ଲୋଭାକାନ୍ତ ସ୍ୱାଇଁ,ଏଆଇଟିୟୁସିର ଜିଲ୍ଲା ସଭାପତି ସୋମନାଥ ଗିରି,ଆଇଏନଟିୟୁସି ର ଜିଲ୍ଲା ସଂପାଦକ ଶୁଶାନ୍ତ ବେହେରା,ରତ୍ନାକର ସ୍ୱାଇଁ,ରଂଜନ ଦାସ,କ୍ଷୀରୋଦ କୁମାର ଦାସ,ସିଆଇଟିୟୁର ବିନ୍ଦୁସାଗର ଓଝା,ପ୍ରଫୁଲ ନାୟକ,ବେଣୁଧର ବାରିକ,କୃଷ୍ଣଚନ୍ଦ୍ର ବସ୍ତିଆ,ସୁବାଷ ମହାରଣା ରମେଶ ବେହେରା,ପ୍ରତାପ ସୁତାର ପ୍ରମୁଖ ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଧାରଣ ସ୍ଥଳକୁ ଲିଡବ୍ୟାଙ୍କ ମ୍ୟାନେଜର ଆସି ଶ୍ରମିକ ମାନଙ୍କ ଦାବିକୁ ଆସନ୍ତା ୨୫ ତାରିଖ ଭିତରେ କାର୍ଯ୍ୟକାରୀ କରିବାକୁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସିଏମ୍‌ସି ଯନ୍ତ୍ରୀ ଓ ଠିକାଦାରଙ୍କ ପୀରତି

**କଟକ(ସଂପର୍କବାର୍ତ୍ତା):-** ପାଖାପାଖି ୮ ମାସ ତଳେ ଡ୍ରେନ୍ ପୁନରୁଦ୍ଧାର ହୋଇଥିଲା । ଅଟକଳ ହୋଇଥିବା ବ୍ୟୟରେ ସ୍ଲାବ୍ ପକାଇବା ଉଲ୍ଲେଖ ବି ରହିଥିଲା । ଠିକାଦାର କିନ୍ତୁ ମନଇଚ୍ଛା ନିମ୍ନମାନର ଡ୍ରେନ୍ ତିଆରି କରିଲେ । ଏହାର ଅନେକ ମାସ ପରେ ନୂଆ ସ୍ଲାବ ତିଆରି ହେଲା । ଅଧା ସ୍ଲାବ୍ ଡ୍ରେନ୍ ଉପରେ ପଡିଲା, ବାକି ମୁଖ୍ୟ ରାସ୍ତାରେ ଉପରେ ପଡି ରହିଛି । ଯେଉଁଠି ପଡିଛି ତାହାକୁ ଦେଖାଇ ଠିକାଦାର ବିଲ୍ କରି ନେଇଥିବା ଅଭିଯୋଗ ହୋଇଛି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ସିଏମ୍‌ସି ୱାର୍ଡ ନମ୍ବର ୧୬ କେବିକେ ରୋଡ୍‌ରେ । ଠିକାଦାର ଓ ଯନ୍ତ୍ରୀ ବିଭାଗର ପ୍ରିୟାପ୍ରୀତି ପାଇଁ ଆଜି ସାଧାରଣ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟ କଥା ହେଉଛି କେବଳ କେବିକେ ରୋଡ୍ ନୁହେଁ ବରଂ ସହରର ଅନେକ ସ୍ଥାନରେ ଏହିଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ।

ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସରକାରଙ୍କ ନିୟମାନୁସାରେ ପ୍ରତ୍ୟେକ ଡ୍ରେନ୍‌କୁ ଶତପ୍ରତିଶତ କଭର୍ କରିବା ଆବଶ୍ୟକ । ଏହି କ୍ରମରେ ସିଏମ୍‌ସି ପକ୍ଷରୁ ପ୍ରତି ବର୍ଷ ଶାଖା ଡ୍ରେନ୍‌କୁ ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥାଏ । ଏମିତିକି କାଉନ୍‌ସିଲ୍ ବୈଠକରେ ଯନ୍ତ୍ରୀ ବିଭାଗ ଅଧିକାରୀମାନେ ପ୍ରକଳ୍ପ ଅନୁମୋଦନ କରି ଠିକାଦାରଙ୍କ ଦ୍ୱାରା କାମ କରାଇଥାନ୍ତି । କିନ୍ତୁ ଉକ୍ତ କାମ କେଉଁଭଳି ହେଉଛି ତାହାର ସଠିକ୍ ଯାଞ୍ଚ ନ କରି ଠିକାଦାରଙ୍କ ବିଲ୍ କରୁଛନ୍ତି । ତେବେ ଡ୍ରେନ୍ ପୁନରୁଦ୍ଧାର ହେଉ କି ନିର୍ମାଣ ତାହା ପାଇଁ ଅଟକଳ

## ସ୍ଲାବ୍ ନାଁରେ ହାତ ଚିକ୍କଣ କରୁଛନ୍ତି

ହୋଇଥିବା ବ୍ୟୟରେ ହିଁ ଠିକାଦାର ସ୍ଲାବ୍ ପକାଇ କଭର୍ କରିବା ଜରୁରି ବୋଲି ଯନ୍ତ୍ରୀମାନେ ମତପ୍ରକାଶ କରୁଥିଲା ବେଳେ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି । ଯାହାଫଳରେ ନିମ୍ନମାନର ସ୍ଲାବ୍ ସ ଡ୍ରେନ୍ ତିଆରି କରି ବିଲ୍ ପାସ୍ କରିନେଉଛନ୍ତି ।

ଉଦାହରଣ ସ୍ୱରୂପ, ସିଏମ୍‌ସି ୱାର୍ଡ ନମ୍ବର ୧୬ରେ ମିସନ୍ ରୋଡ୍‌ରୁ କେବିକେ ରୋଡ୍ ଦେଇ ଲମ୍ବିଥିବା ସରଫେସ୍ ଡ୍ରେନ୍ ଗତ କିଛି ମାସ ତଳେ ଲକ୍ଷାଧିକ ଟଙ୍କାରେ ପୁନରୁଦ୍ଧାର କରାଯାଇଥିଲା । ଠିକାଦାର ଉକ୍ତ ଡ୍ରେନ୍‌କୁ ବିନା କୌଣସି ପ୍ଲାନିଂରେ ଖୋଳି ମାତ୍ର ୮ ଇଞ୍ଚରେ ନିମ୍ନମାନର ଡ୍ରେନ୍ ତିଆରି କରିଲେ । ସେଥିରେ ସ୍ଲାବ୍ ନ ପକାଇବାରୁ ସ୍ଥାନୀୟ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ଏହାପରେ ଠିକାଦାର ଉକ୍ତ ମୁଖ୍ୟ ରାସ୍ତା ଉପରେ ହିଁ ୮ ଇଞ୍ଚର ସ୍ଲାବ୍ ତିଆରି କରିଲେ । ବିଲ୍ ପାସ୍ କରିବା ପାଇଁ ମାତ୍ର କିଛି ଅଞ୍ଚଳ ସ୍ଲାବ୍ ପକାଇ ବାକି ସ୍ଲାବ୍ ରାସ୍ତାରେ ପକାଇ ପାର୍ । ଏହିଭଳି ସହରର ଅନେକ ସ୍ଥାନରେ ନୂଆ ସ୍ଲାବ୍ ପକାଇବାକୁ ଟେଣ୍ଡର ହୋଇଥିଲାବେଳେ ଠିକାଦାର ଅନ୍ୟ ୱାର୍ଡରୁ ପୁରୁଣା ସ୍ଲାବ୍ ଆଣି ପକାଇ ଦେଇଥିବା ଅଭିଯୋଗ ହୋଇଛି । ଏହାବାଦ୍ ବଡ କଥା ହେଉଛି ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ପଚାରିଲେ ସେମାନେ ପରସ୍ପର ଠେଲାଠେଲି ହୋଇ ଦାୟିତ୍ୱ ଖସାଇ ଦେଉଛନ୍ତି । ଏହାସହ ସିଏମ୍‌ସି କମିସନର ଅନନ୍ୟା ଦାସଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା ।

# ବିଷୁବ ସଂସଦ ପକ୍ଷରୁ ଅଙ୍ଗଦାନ ଶିବିର

**ରଘୁନାଥପୁର(ସଂପର୍କବାର୍ତ୍ତା):-**ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରଣ ଓଡପଡା ସଂକେତ ଆଇଟିଆଇ ପରିସରରେ ବିଷୁବ ସଂସଦ ଆନୁକୂଲ୍ୟରେ ଓ ସମାଜ ବିକାଶ ମିଶନ ସହଯୋଗରେ ଅଙ୍ଗଦାନ ଶିବିର ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବିଷୁବ ସଂସଦର ସଭାପତି ଡ.ରାଜକିଶୋର ବରାଳ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରକାଶ କୁମାର ମହାପାତ୍ର ଯୋଗଦେଇ ଜଣେ ବ୍ୟକ୍ତି ମୃତ୍ୟୁପରେ ୪ଜଣ ଲୋକଙ୍କର ଶରୀରରେ ନିଜକୁ ଜୀବିତ ରଖିପାରିବେ ବୋଲି କହିଥିଲେ। ଏଥିରେ ବିଷୁବ ସଂସଦ ସମ୍ପାଦକ ଗୁରୁନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସମାଜ ବିକାଶ ମିଶନର ସମ୍ପାଦକ ଶରିତ ମହାପାତ୍ର ଅଙ୍ଗଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଷୁବ ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ସାହୁ ସଂଯୋଜକ ବ୍ରଜେନ୍ଦ୍ର ମହାନ୍ତି ଯୋଗଦେଇ ଅଙ୍ଗଦାନ ପ୍ରତ୍ୟେକ ବ୍ୟକ୍ତି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ୫୩ଜଣ ସ୍ୱେଚ୍ଛାସେବୀ ଅଙ୍ଗଦାନ କରିବେ ବୋଲି ଘୋଷଣା କରିଥିଲେ।

# ସାରସ୍ୱତ ପରିଷଦର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର କଲେଜ ଛକ ସ୍ଥିତ ଗାୟତ୍ରୀ ଏଜୁକେଶନ ପଏଣ୍ଟଠାରେ ଜଗତସିଂହପୁର ସାରସ୍ୱତ ପରିଷଦ ତରଫରୁ ଜାତିର ପିତା ମହାତ୍ମାଗାନ୍ଧିଙ୍କ ୧୫୨ତମ ଜୟନ୍ତୀ ଓ ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କ ୧୧୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତାକରି କହିଥିଲେ ଯେ ଜାତିର ପିତା ମହାତ୍ମା ଗାନ୍ଧୀ ବାସ୍ତବରେ ଜଣେ ମହାମାନବ ଥିଲେ ବୋଲି କହିବା ସହ ଶାନ୍ତି ଦୂତ ଲାଲବାହାଦୁର ଶାସ୍ତ୍ରୀ ଜଣେ ଜନନାୟକ ଆଜିର ଦୁନିଆରେ ବିରଳ ବୋଲି ମତବ୍ୟକ୍ତ କରିଥିଲେ। ଗାୟତ୍ରୀ ଏଜୁକେଶନର ନିର୍ଦ୍ଦେଶିକା ଶାସ୍ୱତି ପ୍ରିୟଦର୍ଶିନୀ ଆଲୋଚନାରେ ଭାଗନେଇ ଗାନ୍ଧୀଜୀ ସତ୍ୟ ଓ ଅହିଂସା ନିତି ପ୍ରୟୋଗ କରି ଭାରତକୁ ଯେଉଁ ସ୍ୱାଧୀନତା ଦେଇଥିଲେ ତାହା ପ୍ରକୃତରେ ଅଭୁଦପୂର୍ବ ଥିଲା। ଅଧକ୍ଷ ପ୍ରଦୀପ କୁମାର ଦାଶ ତାଙ୍କ ବକ୍ତବ୍ୟରେ ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ଲୋଗାନ ଆଜିବି ଯଥେଷ୍ଟ ପ୍ରାସଙ୍ଗିକତା ରଖେ ବୋଲି କହିଥିଲେ। ଛାତ୍ରୀ ମାନଙ୍କ ମଧ୍ୟରେ ସୁଶ୍ରୀ ସଙ୍ଗୀତା ରାୟ, ସୌଭାଗ୍ୟବତୀ ନାୟକ, ଅଙ୍କିତା ପ୍ରିୟଦର୍ଶିନୀ, ପ୍ରଜ୍ଞାପାରମିତା ନାୟକ, ପ୍ରଣତୀ ଜେନା, ଶୁଭସ୍ମିତା ସାହୁ, ପ୍ରିତିକା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀ ସତ୍ରାସଂଜୀବନୀ ରାୟ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ବିଦ୍ୟାର୍ଥୀ ମାନେ ଯୋଗଦେଇଥିଲେ।

# ଜୟ ଜଗନ୍ନାଥ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜୟ ଜଗନ୍ନାଥ ସେବା ସଂଗଠନ ପକ୍ଷରୁ ଆଜି ରଘୁନାଥପୁର ସିଦ୍ଧେଶ୍ୱର କ୍ଲବ ସଭାଗୃହରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟଅତିଥି ଭାବେ ଅନୁଶନ ଅଧିକାରୀ ପ୍ରଭୁ ସିଂ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଉତ୍ସବରେ ରଘୁନାଥପୁର ଥାନା ଆଇଆଇସି ଦେବେନ୍ଦ୍ର ମହାପାତ୍ର, ବ୍ୟବସାୟ ରବିନ୍ଦ୍ର କୁମାର ସାହୁ, ଆଇନଜୀବି ଏମଏନ ହର୍ଷବର୍ଦ୍ଧନ, ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ, ଆଇନଜୀବି ଗଗନ ଦାଶ, ଏସଆଇ ସଂଜୟ କୁମାର ବଳ ଯୋଗଦେଇ ବୁନ୍ଦାଏ ରକ୍ତ ଗୋଟିଏ ଲୋକର ଜୀବନ ବଂଚାଇ ଥାଏ। ଏଣୁ ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନ କରିବାକୁ ଆଗେଇ ଆସିବା ଆବଶ୍ୟକ ବୋଲି କହିଥିଲେ। ଏହି ଶିବିରରେ ୪୫ଜଣ ରକ୍ତଦାନ କରିଥିଲେ। ସମାଜ ବିକାଶ ମିଶନ ସଭାପତି ଦେବୀପ୍ରସାଦ ମଣ୍ଡଳ, ସମ୍ପାଦକ ଜ୍ୟୋତିପ୍ରକାଶ ପରିଡା ଓ ସମସ୍ତ ସଭ୍ୟ ସଭ୍ୟା ମାନେ ଶିବିର ପରିଚାଳନା କରିଥିଲେ।

# ନୂଆ ରୂପରେ ଖୋଲିଲା 'ଏକାମ୍ର ହାଟ'





**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ଅକ୍ଟୋବର ୨୦୨୦ରେ ଓଡ଼ିଶାରେ ଥିବା ଅର୍ବାନ୍ ହାଟଗୁଡିକର ପରିଚାଳନା ଦାୟିତ୍ୱ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଜ ହାତକୁ ନେବା ପରେ, ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଏକାମ୍ର ହାଟକୁ କାରିଗର ଓ ବୁଣାକାରମାନଙ୍କର ବ୍ୟବସାୟ ଉଦ୍ଦେଶ୍ୟରେ ନୂତନ ଭାବରେ ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ହସ୍ତଶିଳ୍ପ ତଥା ବୁଣାକାରମାନଙ୍କୁ ସେମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବଜାର ପାଇଁ ସୁଯୋଗ ସୃଷ୍ଟି କରିବା ଏକାମ୍ର ହାଟର ମୁଖ୍ୟ ଉଦ୍ଦେଶ୍ୟ। ଏହା କୋଭିଡ୍ ସମୟରେ ପ୍ରଭାବିତ ହୋଇଥିବା ହସ୍ତଶିଳ୍ପୀ ତଥା ବୁଣାକାରମାନଙ୍କ ମଧ୍ୟରେ ଆଶାର ନୂତନ କିରଣ ଭାବେ ଉଭା ହୋଇଛି।

ହାଟକୁ ଦୁଇଟି ଜୋନ୍‌ରେ ବିଭକ୍ତ କରାଯାଇଛି, ଯଥା- 'ଏକାମ୍ର କୁଟୀର' ଯେଉଁଠି ୮ଟି କଳା ପ୍ରଦର୍ଶନ ଷ୍ଟଲ ସହିତ ୫୦ଟି ଷ୍ଟଲ ଏବଂ 'ଏକାମ୍ର ବଜାର' ଯେଉଁଠି ଏକ ଖୋଲା ଜାଗା ପରିବେଷ୍ଟିତ ୩୩ଟି ଷ୍ଟଲ ଅଛି। ସମୁଦାୟ ୮୩ଟି ଷ୍ଟଲ ମଧ୍ୟରୁ ୫୬ଟି ହସ୍ତଶିଳ୍ପ ପାଇଁ ଓ ୨୭ଟି ହସ୍ତତନ୍ତ ପାଇଁ ଉଦ୍ଦିଷ୍ଟ। ପରିଦର୍ଶକମାନେ ଏକାମ୍ର ହାଟରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଉତ୍ପାଦିତ ପ୍ରକୃତ ହସ୍ତଶିଳ୍ପ ତଥା ହସ୍ତତନ୍ତ ସାମଗ୍ରୀ ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବାର ସୁଯୋଗ ପାଇପାରିବେ ତଥା ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରିବେ। ଏଠାରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଦ୍ୱାରା ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରତ୍ୟକ୍ଷ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି। ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ଅକ୍ଟୋବର ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ହାଟ ଖୋଲିବା ସମୟରେ ପରିବର୍ତ୍ତନ କରାଯିବ। ଏକାମ୍ର ହାଟର ପରିଚାଳନା ଦାୟିତ୍ୱ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ଉପରେ ନ୍ୟସ୍ତ ହୋଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ପାତୁଆ ଗ୍ରାମବାସୀ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ କିଛି ପ୍ରଶାସନିକ ଅଧିକାରୀଙ୍କ ଯୋଗୁଁ ନିରୀହ ଜନସାଧାରଣର ତାଙ୍କ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରକୋଷ୍ଠ ଉଦାହରଣ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡହରିଶପୁର ପଞ୍ଚାୟତର ପାତୁଆ ଗ୍ରାମରେ ଗତ ଲଘୁଚାପ ଜନିତ ଲଗାଣ ବର୍ଷାରେ ବିଭିନ୍ନ ସ୍ଥାନରେ ପାତୁଆ ଗ୍ରାମରେ ଲୋକମାନେ ଜଳବନ୍ଦୀ ହୋଇ ରହିଥିବା ବେଳେ ନାହିଁ ନଥିବାର ଅସୁବିଧା ସମ୍ମୁକୀନ ହେଉଛନ୍ତି। ଆଜକୁ ପ୍ରାୟ ୧୫ଦିନରୁ ଉର୍ଦ୍ଧ୍ୱ ହେବ ନା ପହଞ୍ଚି ପାରିଛି ଶୁଖିଲା ଖାଦ୍ୟ ନା ରନ୍ଧା ଖାଦ୍ୟ ? ଏବେବି ପାଣି ଘେରରେ ଦୟନୀୟ ଅବସ୍ଥାରେ ଅଛନ୍ତି। ଏହି ପାତୁଆ ଗ୍ରାମରେ ପ୍ରାୟ ୭୨ପରିବାର ବାସ କରୁଥିବା ବେଳେ ନା ଅଛି ଭଲ ରାସ୍ତା ଟିଏ ନା ଅଛି ପାନୀୟ ଜଳର ସୁବିଧା, ନା ଅଛି ବାତ୍ୟା ଆଶ୍ରୟ ସ୍ଥଳି, ନା ଅଛି ପିଲା ପାଠ ପଢିବା ପାଇଁ ସ୍କୁଲ ଘରଟିଏ। ପାତୁଆ ଗ୍ରାମର ସାଧାରଣ ଲୋକମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସାତ ସପନ ପାଲଟିଥିବା ଗ୍ରାମବାସୀ ମାନେ କହିଛନ୍ତି ଏହି ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। କାରଣ ଗମନାଗମନ ପାଇଁ ଭଲ ରାସ୍ତାଟିଏ ନାହିଁଗାରିଆଠାରୁ ପାତୁଆକୁ ଯିବାକୁ ହେଲେ ୩କିଲୋମିଟର ଖରାପ ରାସ୍ତା ପଡୁଛି। ଯଦି କୌଣସି ବ୍ୟକ୍ତି ରୋଗାଗ୍ରସ୍ତ ହୁଅନ୍ତି ଗ୍ରାମରୁ ୩କିମି ବହୁ କଷ୍ଟରେ ଯିବାକୁ ପଡିଥାଏ। ଆମ୍ବୁଲାନ୍ସ ଆସିପାରେ ନାହିଁ।ଏବେ ସବୁଠାରୁ ବଡକଥା ହେଲା ଗତ ଲଘୁଚାପ ବର୍ଷାରେ ଏବେବି ଘରବୁଡି ରହିଛି ,କାନ୍ଥ ମଧ୍ୟ ପଡିଯାଇଛି। କିନ୍ତୁ ଜିଲ୍ଲା ପ୍ରଶାସନ କି ବ୍ଲକ ପ୍ରଶାସନ ର ଦୃଷ୍ଟି ପଡୁଛିନା ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ପଡୁଛି। ସ୍ଥାନୀୟ ଜନସାଧାରଣରେ କୁହନ୍ତି ରାଜନେତା ମାନେ ଭୋଟ ବେଳ ଆସିଲେ କୁହନ୍ତି ଆମେ ରାସ୍ତା କରିଦେବୁ ,ସ୍କୁଲ କରିଦେବି ,ପାଣି ଯୋଗାଇ ଦେବୁ ବଳି ବିଭିନ୍ନ ପ୍ରଲୋଭିତ କରଥାନ୍ତି। ଭୋଟ ସରିଗଲେ କେହି ଦିନେବି ଏହି ଉପାନ୍ତ ଅଞ୍ଚଳକୁ ଦେଖାଦିଅନ୍ତି ନାହିଁ। ତେଣୁ ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ପାତୁଆ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ପାତୁଆ ଗ୍ରାମର ମୋତିଲାଲ ଦାସ,ଭାଗୀରଥୀ ଦାସ,ବିଭୁ ଦାସ,ବଳରାମ ଦାସ, ହେଞ୍ଚୁରାମ ଦାସ,ବ୍ରଜଗୋପାଳ ଦାସ,ଗିତାରାଣୀ ଦାସ,ରିନାବାଳା ଦାସ,ରାଧାରାଣୀ ଦାସ,କୃଷ୍ଣ ଦାସ,ଦୁର୍ଲଭି ଦାସ,ପ୍ରତିମା ଦାସ,ସୁମତି ଦାସ ପ୍ରମୁଖ ଗ୍ରାମବାସୀ ଦାବୀ କରିଛନ୍ତି।



# ଆୟୁଷ ଡାକ୍ତରଙ୍କ ମେଡିକାଲ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର

**ଜଗତସିଂହପୁର:**ଆୟୁଷ ଡାକ୍ତରମାନେ ୧୪ବର୍ଷ ଧରି ନିରନ୍ତର ଭାବେ ସେବା ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କର ପ୍ରତି ଉଦାଶିନତା ଭାବ ଯୋଗୁଁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଆଦେଶ ଦିଆଯାଉନାହିଁ। ସେଥିପାଇଁ ଆସନ୍ତାକାଲି ଗାନ୍ଧି ଜୟନ୍ତୀ ଠାରୁ ସେମାନଙ୍କର ଦାବି ପୂରଣ ନହେବା ପର୍ଯ୍ୟନ୍ତ କେବଳ ବର୍ହିବିଭାଗ ରୋଗୀ ସେବା କରି ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମ୍ପର୍କୀୟ କାର୍ଯ୍ୟକ୍ରମ, କୋଭିଡ ପରିଚାଳନା କାର୍ଯ୍ୟ କରିବେ ନାହିଁ ଏବଂ ସେମାନଙ୍କର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଅସହଯୋଗ ଆନ୍ଦୋଳନ କରିବେ ବୋଲି ସେମାନେ ଆଜି ଏକ ସ୍ମାରକପତ୍ର ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡ.ସୁକାନ୍ତ କୁମାର ଦଳାଇଙ୍କୁ ପ୍ରଦାନ କରିଛନ୍ତି। ସେମାନେ ହେଲେ ରାଜ୍ୟ ଆୟୁଷ ଡାକ୍ତର ସଂଘ ସାଧାରଣ ସମ୍ପାଦକ ଡ.ପ୍ରଭାସ ଚରଣ ସ୍ୱାଇଁ, ଡ.ସୁକୁମାର ଦାଶ, ଡ.ମଧୁସ୍ମିତା ନାୟକ, ଡ.ଆର ଖୁଣ୍ଟିଆ ପ୍ରମୁଖ ଏହି ଦାବି ପତ୍ର ପ୍ରଦାନ କରିଥିଲେ।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ପୃଷ୍ଠା ୮

| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.5 Issue-17 October 4 to 10, 2021, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୧୭ ଅକ୍ଟୋବର ୪ ରୁ ୧୦, ୨୦୨୧, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା

# ବାଇକ୍ ପିସିଆର୍, ମହିଳା ଅଫିସର ନାହାଁନ୍ତି

**କଟକ(ସଂପର୍କବାର୍ତ୍ତା):-** କଟକ କମିଶନରେ ପୁଲିସ ଅଧୀନସ୍ଥ କନ୍ଦରପୁର ଥାନା ଭୌଗାଳିକ ସୀମା ଦୃଷ୍ଟିକୋଣରୁ ବେଶ୍ ସମ୍ବେଦନଶୀଳ ହୋଇଥିବାବେଳେ ଏହା ଏବେ ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ସଦର ଥାନା ଅଧୀନରେ କନ୍ଦରପୁର ଫାଣ୍ଡି କାର୍ଯ୍ୟରତ ଥିଲା । କମିଶନରେଟ ପୁଲିସ ସେବା ଆରମ୍ଭ ହେବା ପରେ ସରକାର ଏହାକୁ ଥାନା ମାନ୍ୟତା ପ୍ରଦାନ କଲେ । ଏ ଅଞ୍ଚଳର ପୁଅ ତଥା ତତ୍କାଳୀନ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ପ୍ରଚେଷ୍ଟାରେ ୨୦୧୧ରେ ପୁରୁଣା ଫାଣ୍ଡି ଘରକୁ ମିଶାଇ ଏକ ନୂତନ କୋଠା ଘର ନିର୍ମାଣ କରାଯାଇଥିଲା । ଯାହାକୁ ଶ୍ରୀ ପ୍ରହରାଜ ଉଦଘାଟନ କରିଥିଲେ । ପରେ ଓଡିଶା ରାଜ୍ୟ ପୁଲିସ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ଏକ ବହୁତଳ କୋଠା ନିର୍ମାଣ କରାଯାଇ ୨୦୧୩ରେ ତତକାଳୀନ ପୁଲିସ ମହାନିର୍ଦ୍ଦେଶକ ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ପରେ ପୁଣି ବିଭାଗ ଦ୍ୱାରା ଏଠାରେ ଏକ ମହିଳା ଓ ଶିଶୁ ଡେସ୍କ ପାଇଁ ଏକ ଗୃହ ନିର୍ମାଣ କରାଗଲା । ଏହି ଥାନାଟି କଟକ ସହରାଞ୍ଚଳ ସମ୍ପୂର୍ଣ୍ଣ ରୂପେ ଗ୍ରାମାଞ୍ଚଳ । କନ୍ଦରପୁର, ଆୟତପୁର, ନିମେଇଁସାପୁର, ପରମହଂସ, ଫକିରପଡା ଆଦି ୫ଟି ପଞ୍ଚାୟତ ଓ ଗତିରାଉତପାଟଣା ପଞ୍ଚାୟତରୁ କିଛି ଅଂଶକୁ ନେଇ ଏହି ଥାନା ପରିସୀମା । ଥାନାର ଉତ୍ତର ଦିଗରେ ମହାନଦୀ ପ୍ରବାହିତ ହେଉଥିବା ବେଳେ ଦକ୍ଷିଣ ଦିଗରେ କାଠଯୋଡି ନଦୀ ପ୍ରବାହିତ । ଅନେକ ଶିକ୍ଷାନୁଷ୍ଠାନ ସହ ମନ୍ଦିର ମସଜିଦ୍ ରହିବା ସହ ପ୍ରସିଦ୍ଧ ଶୈବପୀଠ ପରମହଂସନାଥ ଦେବ ମନ୍ଦିର ଓ ନାଗେଶ୍ୱରନାଥ ମନ୍ଦିର ରହିଛି । ତତ୍ ସହିତ କନ୍ଦରପୁର ରେଳଷ୍ଟେସନ ଓ ଗୁରୁତ୍ୱପୂର୍ଣ୍ଣ ଆକାଶବାଣୀ କଟକ କେନ୍ଦ୍ରର ଟ୍ରାନ୍ସମିଟର ସେକ୍ସନ ରହିଛି । ଏହାର ଅବସ୍ଥିତି କଟକ ସହର ଠାରୁ ଅଳ୍ପ ଦୂରରେ ହେତୁ ଏବଂ ଗ୍ରାମାଞ୍ଚଳ ହୋଇଥିବାରୁ କଟକ ସହର,




ଜଗତସିଂହପୁର ଓ କେନ୍ଦ୍ରାପଡାର କୁଖ୍ୟାତ ଅପରାଧୀମାନେ ସେଠାରେ ଅପରାଧ ଘଟାଇ ଏଠାକୁ ପଳାଇ ଆସି ଆତ୍ମଗୋପନ କରିବାର ବହୁ ନଜିର ରହିଛି । ଏହି ସବୁ ଦୃଷ୍ଟିକୋଣରୁ ଏହି ଥାନାଟିକୁ ସମ୍ବେଦନଶୀଳ ଭାବରେ ଗଣାଯାଏ । ବର୍ତ୍ତମାନ ଥାନାରେ ଥାନାଧିକାରୀଙ୍କ ସହ ଜଣେ ଏସଆଇ, ୩ ଜଣ ଏଏସଆଇଙ୍କ ସହ ୧୩ ଜଣ କନେଷ୍ଟବଳ, ୧୦ଜଣ ଓଏପିଏଫ୍ ଓ ୧୯ ଜଣ ହୋମଗାର୍ଡ କାର୍ଯ୍ୟରତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ଏହି ଥାନାରେ ଜଣେ ମାତ୍ର ମହିଳା କନେଷ୍ଟବଳ କାର୍ଯ୍ୟରତ ଥିବାବେଳେ ଅନେକ ସମୟରେ ମହିଳା କର୍ମଚାରୀଙ୍କ ଅଭାବ ଯୋଗୁଁ ତଦନ୍ତରେ ବାଧା ସୃଷ୍ଟି ହେଉଛି । ସେହପରି ଏହି ଥାନାରେ ଥାନା ଜିପ୍ ବ୍ୟତୀତ ଏକ ପିସିଆର ଭ୍ୟାନ ଅଛି । ଥାନାଞ୍ଚଳରେ ପାଟ୍ରୋଲିଂ କରିବାର ହେଉ କିମ୍ବା ଘଟଣାସ୍ଥଳକୁ ତଦନ୍ତ କରିବାକୁ ଯିବାରେ ହେଉ ଅନେକ ସ୍ଥାନକୁ ଥାନା ଗାଡି ଯାଇପାରେ ନାହିଁ । ଏଣୁ କଟକ ସଦର ଥାନାରେ ଯେଉଁ ପିସିଆର ବାଇକ ଅଛି ଯଦି ଏହି ଥାନାକୁ ବାଇକ ପିସିଆର ଯୋଗାଇ ଦିଆଯାଇ ପାରନ୍ତା ତାହାଲେ ପାଟ୍ରୋଲିଂ ସହ ତଦନ୍ତ କାର୍ଯ୍ୟରେ ଉନ୍ନତି ଆସିପାରନ୍ତା ।

ଏଠାରେ କର୍ମଚାରୀଙ୍କ ରହିବା ପାଇଁ କ୍ୱାର୍ଟ ନାହିଁ । ଥାନାର ଉପର ମହଲା ବାରାକ ଅଟେ । ସେଠାରେ ହିଁ ଥାନାଧିକାରୀଙ୍କ ସହ ଅଫିସରମାନେ ଦୟନୀୟ ଅବସ୍ଥାରେ ରହୁଛନ୍ତି । ଅନେକ ସମୟରେ ମୁଖ୍ୟାଳୟରୁ ଫୋର୍ସ ଆସିଲେ ରହିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଏ । ଥାନା ପରିସରରେ ଥିବା ପୁରୁଣା ଫାଣ୍ଡି ଘରଗୁଡିକରେ କିଛି କର୍ମଚାରୀ ରହୁଛନ୍ତି କିନ୍ତୁ ତାହା ଭାଙ୍ଗିରୁଜି ଯିବା ଯୋଗୁ ଜୀବନ ବିପନ୍ନ ଅବସ୍ଥାରେ ରହୁଛନ୍ତି । କନ୍ଦରପୁର କଟକ ମୁଖ୍ୟରାସ୍ତାଠାରୁ ଏହି ଘର ସବୁ ବହୁ ନିମ୍ନ ସ୍ଥାନରେ ହୋଇଥିବାରୁ ସବୁ ସମୟରେ ଘର ମଧ୍ୟରେ ପାଣି ଜମିରହିଥାଏ । ଏଣୁ ଏଠାରେ ଥିବା ପୁରୁଣା ଘରଗୁଡିକ ଭାଙ୍ଗି ଯଦି କର୍ମଚାରୀଙ୍କ ନିମନ୍ତେ କ୍ୱାର୍ଟର ନିର୍ମାଣ କରାଗଲେ ବହୁତ କର୍ମଚାରୀ ଉପକୃତ ହୋଇପାରନ୍ତା । ଅତୀତରେ ଅନେକ ଥର ପୁଲିସ ପବ୍ଲିକ୍ ମିଟିଙ୍ଗରେ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଏସବୁ ସମସ୍ୟା ବିଷୟରେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ସୁଫଳ ମିଳିପାରିନାହିଁ । ଏହି ଥାନାକୁ ମହିଳା କର୍ମଚାରୀ, ବାଇକ ପିସିଆର କର୍ମଚାରୀଙ୍କ ପାଇଁ କ୍ୱାଟର ନିର୍ମାଣ କରିବାକୁ ପୁଲିସ ମହାନିର୍ଦ୍ଦେଶକ, ପୁଲିସ କମିଶନର ଓ କଟକ ଡିସିପି ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧଜୀବୀ ମହଲରେ ଦାବି ହୋଇଛି ।

# ଇ-ଶ୍ରମ କାର୍ଡ ନାମରେ ଲୋକଙ୍କ ତଣ୍ଟି ଚିପୁଛନ୍ତି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ବ୍ଲକରେ ଇ-ଶ୍ରମ କାର୍ଡ ନାମରେ ଲୋକମାନଙ୍କୁ ଶୋଷଣ କରାଯାଉଥିବା ସୂଚନା ମିଳିଛି । ସୂଚନା ଅନୁସାରେ କେନ୍ଦ୍ର ସରକାର ଅଣସଂଗଠିତ ଶ୍ରମିକ ମାନଙ୍କପାଇଁ ଇ-ଶ୍ରମ କାର୍ଡ ପ୍ରଚଳିତ କରିଛନ୍ତି । ଯେଉଁଥିରେ କି ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ବିନାଶୁଳ୍କରେ ତାଲିକାଭୁକ୍ତ କରିବା ପାଇଁ ସହଜ ଜନସେବା କେନ୍ଦ୍ର ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ପ୍ରତ୍ୟେକ ସହଜ ଜନସେବା କେନ୍ଦ୍ର ଗୁଡିକୁ ସରକାରଙ୍କ ତରଫରୁ କାର୍ଡ ରେଜିଷ୍ଟ୍ରେସନ ପିଛା ୨୦ଟଙ୍କା ମିଳିବାର ସୂଚନା ମିଳିଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଜିଲ୍ଲାର କୁଜଙ୍ଗ, ତିର୍ତ୍ତୋଲ, ରାହାମା, ଜଗତସିଂହପୁର, ନାଉଗାଁ, ପାରାଦ୍ୱୀପ, ରଘୁନାଥପୁର, ଭୁତମୁଣ୍ଡାଇ, ମାଳହୁଙ୍କା, ତାଳଦଣ୍ଡା, ପଙ୍କପାଳ, ପାଟପୁର, ଗରେଇ ଅଞ୍ଚଳରେ ଥିବା ସହଜ ଜନସେବ । କେନ୍ଦ୍ରଗୁଡିକରେ ଲମ୍ବାଲାଇନ ଦେଖିବାକୁ ମିଳୁଛି । ମାତ୍ର ପଞ୍ଜୀକରଣ ସଂପୂର୍ଣ୍ଣ ଦେୟମୁକ୍ତ ହୋଇଥିବା ବେଳେ ଏହାର ସୁଯୋଗନେଇ କିଛି ଅସାଧୁ ଜନସେବା କେନ୍ଦ୍ରର କର୍ମଚାରୀ ଲାଭଖୋରମନବୃତ୍ତି ରଖି କାର୍ଡ ପିଛା ୧ଶହ ରୁ ୨ଶହ ଟଙ୍କା ପର୍ଯ୍ୟନ୍ତ ନିରୀହ ଜନତାଙ୍କ ଠାରୁ ଶୋଷଣ କରୁଛନ୍ତି । ତେଣୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି ।

# ଭଡୁଆଙ୍କୁ ଲାଜ ନାହିଁ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପିପିଲିରେ ଅମାନତ ହରାଇଛି କଂଗ୍ରେସ । ୨୦୧୪ ସାଧାରଣ ନିର୍ବାଚନରେ ପିପିଲିରେ ୪୯ ହଜାରରୁ ଅଧିକ ଭୋଟ ପାଇଥିବା କଂଗ୍ରେସ ୨୦୧୯ରେ ପାଇଥିଲା ମାତ୍ର ୯,୮୩୦ । ଆଉ ଏବେ ୨୦୨୧ ଉପ-ନିର୍ବାଚନରେ ସ୍ଥିତି ଆହୁରି ଖରାପ ହୋଇଛି । ପିପିଲି ଉପ-ନିର୍ବାଚନରେ ଦଳର ଭୋଟ ସଂଖ୍ୟା ୫ହଜାର ମଧ୍ୟ ଛୁଇଁ ପାରିନାହିଁ । କେନ୍ଦ୍ର ଓ ରାଜ୍ୟ କଂଗ୍ରେସରେ ଲାଗି ରହିଥିବା ନେତୃତ୍ୱଙ୍କ ଅର୍ନ୍ତଦ୍ୱନ୍ଦ୍ୱ ଯୋଗୁଁ ଦଳ ନିର୍ବାଚନରେ ଅମାନତ ହରାଇଛି ବୋଲି ସାଧାରଣରେ ଅଭିଯୋଗ କରାଯାଉଛି । ଏବଂ କୁହାଯାଉଛି ***ଭଡୁଆ ନେତାଙ୍କୁ*** ଲାଜ ନାହିଁ କୁହାଯାଉଛି । ପିପିଲି ଉପ-ନିର୍ବାଚନରେ ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ବହୁ ପଛରେ ପଡିଛନ୍ତି । ପିପିଲି ଉପ-ନିର୍ବାଚନରେ ବିଜେଡି ବିଜେପି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଥିବା ବେଳେ ଲୋକମାନେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରତି ସେତେଟା ସମର୍ଥନ ଦେଇନାହାଁନ୍ତି । ଭୋଟ ଗଣତିର ପ୍ରଥମ ରାଉଣ୍ଡରୁ ବିଶ୍ୱକେଶନ ହରିଚନ୍ଦନଙ୍କ ଭୋଟ୍ ବ୍ୟବଧାନ ବିଜେଡି ଓ ବିଜେପି ପ୍ରାର୍ଥୀଙ୍କ ଅପେକ୍ଷା ବହୁ କମ୍ ରହିଥିଲା । ତେବେ ଭୋଟ୍ ଗଣତି ଶେଷ ସୁଦ୍ଧା କଂଗ୍ରେସର ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମାତ୍ର ୪ହଜାର ୨୨୮ଖଣ୍ଡ ଭୋଟ ପାଇଛନ୍ତି । ଯେତବେଳେ ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ ୯୬ହଜାର ୧୯୬ହଜାର ଖଣ୍ଡ ଭୋଟ ଓ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ୭୫ହଜାର ୫୮୯ ଭୋଟ ପାଇଛନ୍ତି । ସେ କ୍ଷେତ୍ରରେ ସର୍ବପୁରାନତ ଜାତୀୟ କଂଗ୍ରେସ ଦଳ ପ୍ରାର୍ଥୀ ୪ହଜାର ୨୨୮ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି ସେମାନଙ୍କୁ ଏହି ପରିପ୍ରେକ୍ଷୀରେ ଭଡୁଆ ନେତା ଆକ୍ଷେପ କରାଯାଇ ଏପରି ଅଭିଯୋଗ କରାଯାଉଥିବା ଶୁଣିବାକୁ ମିଳୁଛି ।

# ପ୍ରଦୀପ କଂ. ଛାଡିବା ମିଛ, ଧରିବେ ମଙ୍ଗ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା)-** ଚର୍ଚ୍ଚା ଚାଲିଛି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଦଳ ଛାଡିବେ । ଅର୍ଥାତ୍ କଂଗ୍ରେସ ଛାଡି ବିଜେଡିକୁ ଯିବେ ବୋଲି ବହୁଦିନରୁ ଖବର ବୁଲୁଛି । ଏଭଳି ଚର୍ଚ୍ଚାକୁ ଖୋଦ୍ ପ୍ରଦୀପଙ୍କ ବୟାନବାଜି ହିଁ ବଳ ଦେଉଥିଲା ଗୁରୁବାର । ଏଭଳି ସ୍ଥିତିରେ ଶୁକ୍ରବାର ପ୍ରଦୀପ ଦିଲ୍ଲୀରେ କଂଗ୍ରସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି । ତାଙ୍କ ସହ ରାଜ୍ୟର ବରିଷ୍ଠ ନେତା ତଥା ବିହାର ରାଜ୍ୟ ପ୍ରଭାରୀ ଭକ୍ତଚରଣ ଦାସ ବି ଥିଲେ । ରାହୁଲ ଏହି ଅବସରରେ ପ୍ରଦୀପକଙ୍କ ସହ ପୃଥକ



ଆଲୋଚନା ବି କରିଛନ୍ତି । ରାହୁଲଙ୍କୁ ଭେଟିବା ପରେ ପ୍ରଦୀପ କହିଛନ୍ତି, ସେ କଂଗ୍ରେସରେ ଅଛନ୍ତି । କଂଗ୍ରେସ ପାଇଁ କାମ କରୁଛନ୍ତି । ରାହୁଲଙ୍କ ସହ ରାଜ୍ୟରେ କଂଗ୍ରେସର ସ୍ଥିତି ମଜବୁତ କରିବା ଉପରେ ଆଲୋଚନା ହୋଇଛି । ହେଲେ ପିସିସି ପରିବର୍ତ୍ତନ ନେଇ କୌଣସି ଆଲୋଚନା ହୋଇନାହିଁ । ସେ କଂଗ୍ରେସ ଛାଡିବା କଥା ମିଛ । ଏସବୁ କେବଳ ଗୁଜବ । ଆଲୋଚନା ଯାହା ହୋଇଛି କୁଆଡେ ଦଳର ମଙ୍ଗୁଆଳ ଦାୟିତ୍ୱରେ ରହିବେ ବୋଲି ଆଶ୍ୱାସନା ଦିଆଯାଇଥିବା ଶୁଣାଯାଉଛି ।

# ବ୍ରଏଲର ଚିକେନ୍ ନଂପୁସକର କାରଣ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମାଂସହାରୀ ଭୋଜନ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଅଟେ । ଚିକେନ୍ ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱକୁ ପୂର୍ଣ୍ଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିକେନ୍‌ରେ ପ୍ରୋଟିନ୍, କ୍ଲସିୟମ୍, ଅମୀନ ଏସିଡ୍, ଭିଟାମିନ୍ ବି-୩, ବକ୍‌ବିନ୍ ବି-୬ ଇତ୍ୟାଦି ରହିଛି । ସମସ୍ତ ପ୍ରକାର ଚିକେନ୍ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ । ବିଶେଷ କରି ବ୍ରୟଲର ଚିକେନ୍ ମାନସ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ଅଟେ । ବ୍ରଏଲର କୁକୁଡାମାନଙ୍କୁ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ଖାଇବାକୁ ଦିଆଯାଉଛି, ତାହା କୁକୁଡାର ଓଜନକୁ ବଢାଇ ଦେଇଥାଏ । କିନ୍ତୁ ମଣିଷ ଶରୀର ପାଇଁ କ୍ଷତିକାରକ ଅଟେ । ଏହାକୁ ଆମେ ନିୟମିତ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । **ପ୍ରଥମତଃ** କର୍କଟ ରୋଗ ହେବାର ସମ୍ଭାବନା- ଗୋଟିଏ ଗବେଷଣାରୁ ଜଣାପଡିଛି ଯେ ଉଚ୍ଚ ତାପମାତ୍ରାରେ ରୋଷେଇ ହୋଇଥିବା ବ୍ରଏଲର ଚିକେନ୍ ଖାଇବା ଦ୍ୱାରା କର୍କଟ ରୋଗ ହେବାର ସମ୍ଭାବନା ରହିଛି । ଖାସ୍ କରି ପୁରୁଷମାନଙ୍କ ପାଖରେ ପୋଷ୍ଟରେଟ୍ କର୍କଟ ରୋଗ ହେବାର ସମ୍ଭାବନା ଅଧିକ ଦେଖାଦେଇଥାଏ । **ଦ୍ୱିତୀୟତଃ-** ଅଧିକାଂଶ ସ୍ଥାନରେ ବ୍ରଏଲର ଚିକେନ୍‌କୁ ଅଧିକ ସମୟ ଧରି ମରାଯାଇ ରଖାଯାଇଥାଏ, ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ । କାରଣ ଅଧିକ ସମୟ ମରାହୋଇ



ରହିଥିବା ଦ୍ୱାରା ଜୀବାଣୁ ଗ୍ରାସୀତ ହୋଇଥାଏ । **ତୃତୀୟତଃ-** ସିଗାରେଟ୍ ଠାରୁ ଭୟଙ୍କର, ତନ୍ଦୁର ଚିକେନ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ । କାରଣ ଏହାକୁ ଅଧିକ ସମୟ ଗ୍ରୀଲେଡ କରାଯାଇଥାଏ । ବ୍ରଏଲର ଚିକେନ୍‌ରେ ପ୍ରୋଟିନ୍ ରହିଥିବା କାରଣରୁ ଅଧିକ ତାପମାତ୍ରାରେ ପୋଡାଯିବା ଦ୍ୱାରା ଏହା ୬୦ଟି ସିଗାରେଟ୍ ସହ ସମାନ ହୋଇଥାଏ । **ଚତୁର୍ଥତଃ-** ସ୍ୱାସ୍ଥ୍ୟ ପାଇଁ ଅସୁବିଧା, ନିୟମିତ ବ୍ରଏଲର ଖାଇବା ଦ୍ୱାରା ମୋଟାପଣ, ଉଚ୍ଚ ରକ୍ତଚାପ, ହୃତ୍‌ପିଣ୍ଡ ସମସ୍ୟା ଇତ୍ୟାଦି ଦେଖାଯାଏ । ପଞ୍ଚମ- ଭୟଙ୍କର ରାୟାସନିକ ସାମଗ୍ରୀ, ବ୍ରଏଲର ଚିକେନ୍‌ର ଓଜନ ବଢାଇବା ପାଇଁ ହାନିକାରକ ରାସାୟନିକ ପଦାର୍ଥ, ଆଣ୍ଟିବାୟୋଟିକ୍ ଇତ୍ୟାଦି ଇଞ୍ଜେକ୍ଟ କରାଯାଇଥାଏ, ଏହାକୁ ଖାଇବା ଦ୍ୱାରା ଭୟଙ୍କର ରୋଗ ପ୍ରଭାବିତ କରିଥାଏ । **ଷଷ୍ଠ-** ଅଧିକ ମାତ୍ରାରେ ଆଣ୍ଟିବାୟୋଟିକ୍ ରୋଗକୁ ଅଟକାଇବା ପାଇଁ ଓ ଦ୍ରୁତ ଗତିରେ ଓଜନ ବଢାଇବା ପାଇଁ ବ୍ରଏଲର କୁକୁଡାକୁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଆଯାଇଥାଏ । ତେବେ ଏହା ମଣିଷ ଶରୀର ପାଇଁ ହାନିକାରକ । **ସପ୍ତମ-** ପୁରୁଷ ବାଞ୍ଝପଣ(ନଂପୁସକ) ସମସ୍ୟା ଆଜିକାଲି ଅଧିକ ଦେଖିବାକୁ ମିଳୁଛି । ଗବେଷକମାନଙ୍କ ମଧ୍ୟରେ ବ୍ରଏଲର ଚିକେନ୍‌ରେ ରହିଥିବା ରସାୟନ ପୁରୁଷମାନଙ୍କ ସ୍ପର୍ମକୁ ନଷ୍ଟକରି ନଂପୁସକ କରିଥାଏ । ଏହାର ସମାଧାନ ପାଇଁ କ୍ୟାସିୟମ୍ ଆବଶ୍ୟକତା ରହିଥିଲେ ଆମେ ମାଛ ଖାଇପାରିବ, ମାଛରେ କ୍ୟାଲ୍‌ସିୟମ୍‌କୁ ଛାଡି ଅନ୍ୟ ପୋଷକତତ୍ୱ ରହିଛି । ନଚେତ୍ ଅର୍ଗାନିକ୍(ଦେଶୀ)କୁକୁଡା ମଧ୍ୟ ଖାଇପାରିବ ।

ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)

**ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।**

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଳତରେ କରାଯାଇ ପାରିବ ।

Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera